୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.240 Bhubaneswar Tuesday November 05 2024 | ୨୬ତମ ବର୍ଷ ସଂଖ୍ୟା-୨୪୦ ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୦୫, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ନଭେମ୍ବର ୨୧ରୁ ଆରମ୍ଭ ହେବ ଧାନ କିଣା

ଭୁବନେଶ୍ୱର,୪।୧୧(ପି.ଏନ): ନଭେମ୍ବର ମାସ ୨୧ ତାରିଖରୁ ଆରମ୍ଭ ହେବ ଧାନ କିଣା। ଚଳିତ ଖରିଫ୍? ଋତୁରେ ଧାନ କିଣା ନେଇ ମନ୍ତ୍ରିସ୍ତରୀୟ ବୈଠକରେ ହୋଇଛି ନିଷ୍ପତ୍ତି। ବୈଠକରେ ପରେ ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ବରଗଡ ଜିଲ୍ଲାରୁ ଧାନ କିଣା ଆରମ୍ଭ ହେବ। ଚଳିତ ବର୍ଷ ୮୦ ଲକ୍ଷ ଟନ୍ ଧାନ କିଣିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁସାରେ ଚଳିତ ବର୍ଷ ଚାଷୀଙ୍କଠାରୁ କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କାରେ ଧାନ କିଣିବେ ସରକାର। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ୨୩୦୦ ଟଙ୍କା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଇନପୁଟ ସହାୟତା ୮୦୦ ଟଙ୍କା ମିଶାଇ ମୋଟ ୩୧୦୦ ଟଙ୍କାରେ ଧାନ ବିକ୍ରି କରିବେ ଚାଷୀ।



## ଆଖି ବୁଜିଲା ବନବିଭାଗର ପୋଷା ହାତୀ 'ଯଶୋଦା'

ବାରିପଦା,୪।୧୧(ପି.ଏନ: ଆଖି ବୁଜିଲା ବନବିଭାଗର ପୋଷା ହାତୀ ଯଶୋଦା। ୬ ମାସ ତଳେ ଯଶୋଦାକୁ ଚନ୍ଦକା ଅଭୟାରଣ୍ୟରୁ ଶିମିଳିପାଳକୁ ଅଣାଯାଇଥିଲା। ଆସିବା ସମୟରୁ ଯଶୋଦା ଅସୁସ୍ଥ ରହିଆସୁଥିଲା। ଗତ ତିନିମାସ ହେବ ତାର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଅନେକ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ତାର ଚିକିତ୍ସା ଜାରି ରହିଥିଲା। ହେଲେ କୌଣସି ସୁଫଳ ମିଳିନଥିଲା। ଶେଷରେ ଚିକିତ୍ସାଧୀନ ଅବସ୍ଥାରେ ଜେନାବିଲ୍ ରେ ତାର ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ଯଶୋଦାର ବୟସ ୬୦ ବର୍ଷ ହୋଇଥିବା ନେଇ ବିଭାଗ ପକ୍ଷରୁ ସୂଚନା ରହିଛି।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୪ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ

# ମୁଦା ଦୁର୍ନୀତି: କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କୁ ଲୋକାୟୁକ୍ତ ସମନ୍?

ଭୁବନେଶ୍ୱର,୪।୧୧(ପି.ଏନ): ବଢ଼ିଲା କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କ ଅଡୁଆ। ମହୀଶୂର ଅର୍ବାନ ଡେଭଲପମେଣ୍ଟ ଅଥୋରିଟୀ(ମୁଦା) ଜମି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କୁ ଲୋକାୟୁକ୍ତ ପୁଲିସ୍ ସମନ କରିଛି। ତାଙ୍କୁ ମୁଦା ଦୁର୍ନୀତି ମାମଲାରେ ଲୋକାୟୁକ୍ତ ପକ୍ଷରୁ ଜେରା କରାଯିବ। ଏଥିପାଇଁ ତାଙ୍କୁ ନଭେମ୍ବର ୬ରେ ହାଜର ହେବାକୁ କୁହାଯାଇଛି। ମୁଦା ଦୁର୍ନୀତି ଘଟଣାରେ ସିଦ୍ଦରମୈୟାଙ୍କ ପତ୍ନୀ ପାର୍ବତୀଙ୍କୁ ଅକ୍ଟୋବର ୨୫ରେ ଜେରା କରାଯାଇଥିଲା। ସେପ୍ଟେମ୍ବର ୨୭ରେ ଲୋକାୟୁକ୍ତ ପୁଲିସ୍ ସିଦ୍ଦରମୈୟା, ତାଙ୍କ ପତ୍ନୀ ପାର୍ବତୀ, ସାଳକ ମଲ୍ଲିକାର୍ଜୁନ ସ୍ୱାମୀ ଓ ଦେବରାଜୁଙ୍କ ନାଁରେ ଏଫଆଇଆର ରୁଜୁ କରିଥିଲା। ଦେବରାଜୁଙ୍କ ଠାରୁ ସ୍ୱାମୀ ପ୍ରଥମେ ଗୋଟିଏ ପ୍ଲଟ କିଣିଥିଲେ। ଏହାପରେ ଏହାକୁ ପାର୍ବତୀଙ୍କୁ ଉପହାର ଆକାରରେ ଦେଇଥିଲେ। ମୁଦା ଦୁର୍ନୀତି ଅଭିଯୋଗ ପ୍ରସଙ୍ଗରେ ଅଧିକ ସ୍ପଷ୍ଟତା ପାଇଁ ଲୋକାୟୁକ୍ତ ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନଙ୍କୁ ଜେରା କରିବାକୁ ଚାହୁଁଛି। ପୂର୍ବରୁ ସିଦ୍ଦରମୈୟା ଏହି ପ୍ରସଙ୍ଗରେ ନିଜର ପକ୍ଷ ରଖିଥିଲେ। ସେ କିମ୍ବା ତାଙ୍କ ପରିବାର କୌଣସି ଭୁଲ କରି ନାହାନ୍ତି। ବିରୋଧୀ ତାଙ୍କୁ ଡରୁଛନ୍ତି ଓ ଏଥିପାଇଁ ରାଜନୀତିକ ମାମଲା କରିଥିବା ସେ କହିଥିଲେ।



# ହିନ୍ଦୁ ମନ୍ଦିରରେ ଆକ୍ରମଣକୁ ଗ୍ରହଣୀୟ ନୁହେଁ ବୋଲି କହିଲେ ଟ୍ରୁଡୋ

ନୂଆଦିଲ୍ଲୀ: କାନାଡାରେ ହିନ୍ଦୁ ମନ୍ଦିରେ ଭକ୍ତମାନଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ଏବେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ। 'ମୁକ୍ତ ଏବଂ ନିରାପଦ' ଧର୍ମ ପାଳନ କରିବାର ଅଧିକାରକୁ ସେ ସମର୍ଥନ କରି ହିନ୍ଦୁ ମନ୍ଦିରରେ ହୋଇଥିବା ହିଂସାକୁ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି।ଶିଖ୍ କାର୍ଯ୍ୟକର୍ତ୍ତାଙ୍କ ଉପରେ ଗୁଳି ବିନିମୟ ହେବା ଅଭଯୋଗ ହେବା ପରେ ବ୍ରମ୍ପଟନ୍ ହିନ୍ଦୁ ସଭା ମନ୍ଦିରରେ ଭାରୀ ପୁଲିସ୍ ନିୟୋଜନ ହୋଇଥିବାର ଦେଖିବାକୁ ମିଳିଛି। ଭାଇରାଲ ହୋଇଥିବା ଭିଡିଓରେ କିଛି ପୁରୁଷ ମନ୍ଦିରର ଫାଟକ ଭାଙ୍ଗି କମ୍ପ୍ଲେକ୍ସ ଭିତରେ ଭକ୍ତଙ୍କୁ ଆକ୍ରମଣ କରୁଥିବା ଦେଖିବାକୁ ମିଳିଥିଲା।ପିଲ ଆଞ୍ଚଳିକ ପୁଲିସର ମୁଖପାତ୍ର କହିଛନ୍ତି ଯେ ଏହି ଘଟଣାକୁ ନେଇ ଏଯାବତ୍ କେଣସି ଗିରଫଦାରୀ ହୋଇନାହିଁ। ରିପୋର୍ଟ ହୋଇଥିବା ହିଂସା ପାଇଁ ପୁଲିସ ଏଯାଏ କାହାକୁ ଦାୟୀ କରିନାହିଁ।ଦିନକୁ ଦିନ ବିଗୁଡୁଛି ଭାରତ ଓ କାନାଡା ସମ୍ପର୍କ। ନିଜ୍ଜର ହତ୍ୟା ମାମଲାକୁ ନେଇ ଉଭୟ ଦେଶ ମଧ୍ୟରେ ବିବାଦ ବ?ୁଛି। ଗୋଟିଏ ପରେ ଗୋଟିଏ ସଂଗୀନ ଅଭିଯୋଗ ଆଣିଚାଲିଛି କାନ୍ନାଡା। ଏହା ପରେ କାନାଡାକୁ ଏବେ ଶକ୍ତ ଜବାବ ଦେଇଛି ଭାରତ। ଏପରକି କାନାଡା ରାଷ୍ଟ୍ରଦୂତଙ୍କୁ ସମନ ମଧ୍ୟ ଦେଇଛି ଭାରତ। ଏହା ଭିତରେ ଭାରତ କାନାଡା ବିରୋଧରେ ନୂଆ ଓ ସଗୀଂନ ଅଭିଯୋଗ ଆଣୁଥିବାର ସୂଚନା ରହିଛି। ଭାରତୀୟ ବୈଦେଶିକ ମନ୍ତ୍ରାଳୟ କହିଛି କାନାଡରେ ଥିବା ଭାରତୀୟ ରାଷ୍ଟ୍ରଦୂତଙ୍କ ଫୋନକୁ ଟ୍ୟାପିଂ କରାଯାଇଛି। ସେମାନଙ୍କ ଗତିବିଧିକୁ ସନ୍ଦେହ ଦୃଷ୍ଟିରେ ଦେଖା ଯାଉଛି। ମାନସିକ ନିର୍ଯ୍ୟାତନା ଦେବା ଯୋଗୁଁ ରାଷ୍ଟ୍ରଦୂତମାନେ ଖୁବ୍ ଭୟର ମାହୋଲରେ କାମ କରୁଛନ୍ତି। ଟ୍ରୁଡୋ ସରକାର ଅନ୍ତର୍ଜାତୀୟ ଗଣମାଧ୍ୟମରେ ଭୁଲ, ମିଛ ଏବଂ ପ୍ରାୟୋଜିତ ଖବର ପ୍ରସାରଣ କରୁଥିବା କହି ଭାରତ ଏବେ ଅଭିଯୋଗ ଆଣିଛି।

# ବିଜେଡି ନେତାଙ୍କ ଅଭିଯୋଗ ଥିଲା ମିଛ, କେନ୍ଦ୍ରାପଡାରୁ ଯିବନି ଆର୍ସେଲର ମିତ୍ତଲ ନିପନ ଷ୍ଟିଲ କମ୍ପାନୀ

ଭୁବନେଶ୍ୱର,୪।୧୧(ପି.ଏନ): ବିଜେଡି ନେତା ମିଛ କହୁଥିଲେ। କେନ୍ଦ୍ରାପଡା ଛାଡିବନି ଆର୍ସଲର ମିତ୍ତଲ ନିପନ ଷ୍ଟିଲ କମ୍ପାନୀ। ଏନେଇ ଆଜି ସୂଚନା ଦିଇଛନ୍ତି କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ। କେନ୍ଦ୍ରାପଡାରେ କମ୍ପାନୀ ୨୪ ନିୟୁତ ଟନ କ୍ଷମତା ସମ୍ପନ୍ନ ଇସ୍ପାତ କାରଖାନା ବସାଇବା ପାଇଁ ଚୁକ୍ତି ସରିଛି। ତେବେ ଜାତୀୟ ଗଣମାଧ୍ୟମରେ ଆନ୍ଧ୍ର ପ୍ରଦେଶରେ କମ୍ପାନୀ ଏକ ମେଗା ପ୍ରଜେକ୍ଟ କରିବା ନେଇ ଖବର ପ୍ରକାଶ ପାଇବା ପରେ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ କି, କେନ୍ଦ୍ରାପଡାରେ କମ୍ପାନୀ ପ୍ରୋଜେକ୍ଟ କରିବ ନାହିଁ। ତେବେ କମ୍ପାନୀ ଅଧିକାରୀ ଏହାକୁ ଖଣ୍ଡନ କରିଛନ୍ତି। କେନ୍ଦ୍ରାପଡା ଛାଡିବନି କମ୍ପାନୀ ବୋଲି ସେ କହିଛନ୍ତି। ଏଥିସହ, କମ୍ପାନୀ ଆନ୍ଧ୍ରରେ ଅନ୍ୟ ଏକ ମେଗା ପ୍ରକଳ୍ପ ସ୍ଥାପନ କରୁଥିବା ସେ କହିଛନ୍ତି। ଏହା ବ୍ୟତୀତ କମ୍ପାନୀ ପାରାଦୀପରେ ଏକ ୭ ନୁୟୁତ ଟନ କ୍ଷମତାର ଇସ୍ପାତ କାରଖାନା ସ୍ଥାପନ କରୁଛି। ଏହାକ କାମ ମଧ୍ୟ ଆରମ୍ଭ ହୋଇଗଲାଣି। ଆନ୍ଧ୍ରରେ କମ୍ପାନୀର ମେଗା ପ୍ରକଳ୍ପକୁ ନେଇ ଜାତୀୟ ଗଣମାଧ୍ୟମ ରିପୋର୍ଟ ଉପରେ ପ୍ରତାପ ଜେନା ସରକାରକୁ ଘେରିବାକୁ ଚେଷ୍ଟା କରିଥିଲେ। ଜେନା କହିଥିଲେ, ଆର୍ସ?ଲର ମିତ୍ତଲ ନିପନ ଷ୍ଟିଲ କେନ୍ଦ୍ରାପଡାରୁ ଚାଲିଯିବା ଓଡିଶା ପାଇଁ ଦୁର୍ଭାଗ୍ୟର ବିଷୟ ବୋଲି ସେ କହିଥିଲେ।

# ପଦ୍ମ ଧରିଲେ ସାହାରପଡା ବ୍ଲକ୍ ଅଧ୍ୟକ୍ଷା ରିନା ନାୟକ

ଭୁବନେଶ୍ୱର,୪।୧୧(ପିଏନ):ସାହାରପଡା ବ୍ଲକ ଚେୟାରମ୍ୟାନ ରିନା ନାୟକ ବିଜେପିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ସେ ବିଜେପିରେ ସାମିଲ ହୋଇଛନ୍ତି। ଜିଲ୍ଲା ଓକିଲ ସଂଘ ସଭାପତି ମଧ୍ୟ ବିଜେପିରେ ସାମିଲ ହୋଇଛନ୍ତି। ଦିନକୁ ଦିନ ବିଜେପିର ଲୋକପ୍ରିୟତା ବୃଦ୍ଧି ପାଉଥିବା ବେଳେ ଅଧିକାଂଶ ବ୍ୟକ୍ତି ବିଶେଷ ଦଳରେ ସାମିଲ ହେବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ବିଜେପିର ଲୋକଭିମୁଖୀ ପ୍ରୟାସ ଲୋକଙ୍କୁ ଅଧିକ ଆକୃଷ୍ଟ କରୁଛି। ଅନ୍ୟ ବିରୋଧୀ ଦଳ ମଧ୍ୟରେ ଗୋଷ୍ଠୀ କନ୍ଦଳ, ମତଭେଦ ଇତ୍ୟାଦି କାରଣ ଯୋଗୁଁ ସେମାନେ ଦଳ




# ହୁ ହୁ ହୋଇ ବଢୁଛି ଅତ୍ୟାବଶ୍ୟକ ସାମଗ୍ରୀ ଦର

ଭୁବନେଶ୍ୱର,୪।୧୧(ପି.ଏନ): ଦରଦାମ ନିୟନ୍ତ୍ରଣ ପାଇଁ ଉଦ୍ୟମ ନାହିଁ, ବରଂ ଯେଉଁମାନେ ଉଦ୍ୟମ କରୁଛନ୍ତି ତାଙ୍କୁ ନିନ୍ଦିତ କରିବା ସହ ନିଆଯାଉଛି କାର୍ଯ୍ୟାନୁଷ୍ଠାନ। ଓଡ଼ିଶାର ବିଜେପି ସରକାର ଏଭଳି କରୁଥିବା ରାଜ୍ୟ ବ୍ୟବସାୟୀ ସଂଘ ଅଭିଯୋଗ କରିଛି। ଏହା ବିରୋଧରେ କଠୋର ନିଷ୍ପତ୍ତି ନେବାକୁ ଯାଉଛି ସଂଘ। ସରକାରଙ୍କ ଏଭଳି ଆଭିମୁଖ୍ୟ ବିରୋଧରେ ରାଜ୍ୟରେ ଦୋକାନ ବଜାର ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଦେବାକୁ ସଂଘ ଚେତାବନୀ ଦେଇଛି। ଏଥିପାଇଁ ଜୟପୁରରେ ହେବାକୁ ଥିବା ସଂଘର ବୈଠକରେ ନିଷ୍ପତ୍ତି ନିଆଯିବ। ସେପଟେ ଦାରିଙ୍ଗବାଡି ଆମ୍ବ ଟାକୁଆ ଖାଇ ମୃତ୍ୟୁ ଘଟଣାରେ ଯେପରି ହାଲୁକା ମନ୍ତବ୍ୟ ଦେଇଛନ୍ତି ଏ ପ୍ରସଙ୍ଗରେ ମଧ୍ୟ ଯୋଗାଣ ମନ୍ତ୍ରୀ ଅତ୍ୟନ୍ତ ହାଲକା ଭାବେ ମନ୍ତବ୍ୟ ଦେଇଛନ୍ତି। ଦୀର୍ଘ ୪ ମାସରୁ ଅଧିକ ସମୟ ଧରି ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ହୁ ହୁ ହୋଇ ବଢ଼ି ଚାଲିଛି। ଦରଦାମ ନିୟନ୍ତ୍ରଣ କରିବାକୁ ସରକାରଙ୍କ ଆଗ୍ରହ ନାହିଁ କି ଇଛା ବି ନାହିଁ। ଯାହାର ଫଳ ସ୍ୱରୂପ ସନ୍ତୁଳି ହେଉଛନ୍ତି ସାଧାରଣ ଗ୍ରାହକ। ଦର ନିୟନ୍ତ୍ରଣ ପାଇଁ ରାଜ୍ୟ ବ୍ୟବସାୟୀ ସଂଘ ଲଗାତର ବିଭିନ୍ନ ପ୍ରସ୍ତାବ ଦେଇଆସୁଛି। ସେସବୁ ଗ୍ରହଣ ନକରି ଓଲଟା ନିଜ ଦୋଷକୁ ଲୁଚାଇବାକୁ ରାଜ୍ୟର ବ୍ୟବସାୟୀଙ୍କ ମୁଣ୍ଡରେ ସରକାର ଅଠା ବୋଳୁଛନ୍ତି। ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ବିରୋଧ କରି ଜୟପୁରରେ ରାଜ୍ୟ ବ୍ୟବସାୟୀ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ରାଜ୍ୟର ୫ହଜାର ବ୍ୟବସାୟୀ ଯୋଗଦେବେ। ବୈଠକରେ ସରକାରଙ୍କ ବିରୋଧରେ କଠୋର ନିଷ୍ପତ୍ତି ନିଆଯିବ ବୋଲି କହିଛି କହିଛି ରାଜ୍ୟ ବ୍ୟବସାୟୀ ସଂଘ।। ସରକାରଙ୍କୁ ସମ୍ପୂର୍ଣ୍ଣ ଅସହଯୋଗ କରାଯିବ। ସାମୁହିକ ଭାବେ ନିଜର ଲାଇସେନ୍ସ ଫେରାଇବେ, ସରକାରଙ୍କ କୌଣସି ରାଜସ୍ୱ କଲେକ୍ସନ କରିବେ ନାହିଁ। ଆଇନଗତ ଢଙ୍ଗରେ ସରକାରଙ୍କ ବିରୋଧରେ ସବୁ ଚରମ ପଦକ୍ଷେପ ନିଆଯିବ ବୋଲି କହିଛି ସଂଘ। ସରକାର ଚାଷର ଅଭିବୃଦ୍ଧି କରିବେନି, ଲୋକଙ୍କ କଷ୍ଟଲବ୍ଧ ଅର୍ଥକୁ ନିଜ ଦଳ ଓ ବ୍ୟକ୍ତିଗତ ହିସାବରେ ଖର୍ଚ୍ଚ କରିବେ, ଉତ୍ପାଦନ ନବଢ଼ାଇ ବ୍ୟବସାୟୀଙ୍କୁ ଦୋଷ ଦେବେ। କର୍ପୋରେଟ ହାଉସର ସ୍ୱାର୍ଥ ପାଇଁ ସରକାର କାମ କରୁଥିବା ବେଳେ ସରକାରଙ୍କ ବିରୋଧରେ ଆର ପାର୍ ଲଢେଇ ଚେତାବନୀ ଦେଇଛି ସଂଘ। ବଞ୍ଚିବୁ ନହେଲେ ମରିବୁ ବୋଲି କହିଛି ବ୍ୟବସାୟୀ ସଂଘ। ବ୍ୟବସାୟୀଙ୍କ ଚେତାବନୀ ପରେ ମଧ୍ୟ ଅତି ହାଲୁକା ଢଙ୍ଗରେ ମନ୍ତବ୍ୟ ରଖିଛନ୍ତି ଯୋଗାଣ ମନ୍ତ୍ରୀ। ଦରଦାମ ନିୟନ୍ତ୍ରଣ କରିବା ପାଇଁ ଉଦ୍ୟମ ହେଉଛି। ଉତ୍ପାଦନ କମ ହେଉଥିବାରୁ ଦର ବଢୁଛି। ବ୍ୟବସାୟୀ ମହାସଂଘ ସହ ଆମେ ଲଗାତର କଥା ହେଉଛୁ। ସେମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିବୁ ବୋଲି କହିଛନ୍ତି ମନ୍ତ୍ରୀ। ଦରଦାମ ନିୟନ୍ତ୍ରଣ କରିବାରେ ବିଜେପି ସରକାର ବିଫଳ ହୋଇଛନ୍ତି। ଏହାର ପ୍ରତିବାଦରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାଜ୍ୟର ସମସ୍ତ ଦୋକାନ ବଜାର ବନ୍ଦ କରିବାର ଚରମ ନିଷ୍ପତ୍ତି ଖୁବ ଶୀଘ୍ର ନିଆଯାଇ ପାରେ ବୋଲି ଚେତାବନୀ ଦେଇଛି ରାଜ୍ୟ ବ୍ୟବସାୟୀ ସଂଘ।

# ଧଉଳି ସମେତ ସବୁ ଐତିହ୍ୟ ସ୍ଥଳର ବିକାଶ କରାଯିବ:ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର ,୪।୧୧ପି.ଏନ) : ଏକ ସାଧାରଣ ପାହାଡ ନୁହେଁ, ଧଉଳି ପାହାଡ ଓଡିଶା ଇତିହାସର ଏକ ଗୌରବମୟ ଅତୀତକୁ ଛାତିରେ ଧରି ରଖିଛି। କଳିଙ୍ଗର ବୀର ସନ୍ତାନଙ୍କ ସୌର୍ଯ୍ୟ, ସାହାସ ଓ ସାମର୍ଥ୍ୟର ପ୍ରତୀକ ଏହି ଧଉଳି। ଓଡିଆ ବୀର ସନ୍ତାନଙ୍କ ଲୁହ ଆଉ ରକ୍ତରେ ଏକାକାର ହୋଇଥିବା ତ୍ୟାଗର ତୀର୍ଥସ୍ଥଳୀ ଏହି ଧଉଳି ବୋଲି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଧଉଳି ଶାନ୍ତି ସ୍ତୁପର ୫୨ତମ ପ୍ରତିଷ୍ଠା ଦିବସ ଅବସରରେ କହିଛନ୍ତି। ଏହି ଅବସରରେ ଧଉଳି ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଖ୍ରୀଷ୍ଟପୂର୍ବ ୨୬୧ରେ ଲୋମହର୍ଷଣକାରୀ କଳିଙ୍ଗ ଯୁଦ୍ଧ ପରେ ଏହିଠାରୁ ଶାନ୍ତିକୁ ଜୀବନର ବ୍ରତ କରି ବୌଦ୍ଧ ଧର୍ମକୁ ଗ୍ରହଣ କରିଥିଲେ ସମ୍ରାଟ ଅଶୋକ। ଆଜିକୁ ୫୨ ବର୍ଷ ତଳେ ଜାପାନ ସରକାରଙ୍କ ଉଦ୍ୟମରେ ପ୍ରତିଷ୍ଠା ହୋଇଥିଲା ଏହି ଶାନ୍ତିର ସ୍ତୁପ। ସେବେଠାରୁ ଆଜି ପର୍ଯ୍ୟନ୍ତ ଶାନ୍ତି ଆଉ ମୈତ୍ରୀର ପ୍ରତୀକ ସାଜିଛି ଏହି ଧଉଳି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ବୌଦ୍ଧ ଧର୍ମ ସମ୍ପର୍କରେ ଯେବେ ଆଲୋଚନା କରାଯାଏ ସେତେବେଳେ ଓଡିଶାର ନା ସବୁଠାରୁ ଆଗରେ ଆସିଥାଏ। ଓଡିଶାରେ ବୌଦ୍ଧ ଧର୍ମର ଯେତେ ପ୍ରଚାର ପ୍ରସାର ହୋଇଥିଲା ଏବଂ ଯେତେ ବୌଦ୍ଧ ବିହାର ଓଡିଶାରେ ଦେଖିବାକୁ ମିଳେ ତାହା ଭାରତବର୍ଷର ଅନ୍ୟ କୌଣସି ପ୍ରଦେଶରେ ଦେଖିବାକୁ ମିଳେ ନାହିଁ। ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀଠାରୁ ଓଡିଶାରେ ବୌଦ୍ଧ ଧର୍ମର ପ୍ରସାର ଘଟିଥିଲା। ଧଉଳି ପାଦ ଦେଶରେ ଦୟାନଦୀ କୂଳରେ ଭାରତ ଇତିହାସରେ ଏକ ନିର୍ଣ୍ଣାୟକ ମୋଡ ଆସିଥିଲା। ମଗଧର ସମ୍ରାଟ ଅଶୋକଙ୍କୁ କଳିଙ୍ଗ ଯୁଦ୍ଧର ବିଭୀଷିକା ଧର୍ମାଶୋକରେ ପରିଣତ କରିଥିଲା। ସମ୍ରାଟ ଅଶୋକ ଦେଶ ବିଦେଶରେ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ପାଇଁ ନିଜ ପୁତ୍ର ମହେନ୍ଦ୍ର ଏବଂ କନ୍ୟା ସଙ୍ଘମିତ୍ରାଙ୍କୁ ସିଂହଳ ଦେଶକୁ ଏହି ଓଡିଶାରୁ ପଠାଇଥିବା ବିଶ୍ୱାସ କରାଯାଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଅତୀତର ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସେତେବେଳେ ନୌବାଣିଜ୍ୟ ପରମ୍ପରାରେ ଓଡିଶା ସାଧବ ପୁଅ ମାନେ ସିଦ୍ଧହସ୍ତ ଥିଲେ। ବୋଇତରେ ସେମାନେ ସାତ ସମୁଦ୍ର ପାର ହୋଇ ବାଣିଜ୍ୟ କାରବାର କରିବାକୁ ଯାଉଥିଲେ। ଭାରତର ଅନ୍ୟ କୌଣସି ରାଜ୍ୟର ଲୋକମାନେ ସେତେବେଳେ ବୋଇତରେ ସମୁଦ୍ରଯାତ୍ରା ବିଷୟରେ ଜାଣି ନଥିଲେ। ତେଣୁ ବୌଦ୍ଧ ଧର୍ମର ପ୍ରଚାର ପାଇଁ ଯାଉଥିବା ବୌଦ୍ଧ ସନ୍ୟାସୀ ମାନେ ଓଡିଶାରୁ ବିଦେଶକୁ ଯାଉଥିଲେ। ସେଥିପାଇଁ ଓଡିଶାରେ ବୌଦ୍ଧ ଧର୍ମର ବହୁଳ ପ୍ରସାର ଘଟିଥିଲା। ଯାହାର ଐତିହାସିକ ମୂକସାକ୍ଷୀ ଭାବେ ରତ୍ନଗିରି, ଲଳିତଗିରି, ଉଦୟଗିରି ଓ ଖଣ୍ଡଗିରି ଆଦିରେ ବୌଦ୍ଧ ବିହାର, ଗୁମ୍ଫା ଓ ଭଗ୍ନାବଶେଷ ଆଜି ମଧ୍ୟ ଦେଖିବାକୁ ମିଳୁଛି। ସେ ପୁଣି କହିଥିଲେ ଧଉଳି ଗିରିରେ ଆଜି ଯେଉଁ ଶାନ୍ତିସ୍ତୁପ ନିର୍ମାଣ କରାଯାଇଛି ତାହା ସାରା ପୃଥିବୀକୁ ଶାନ୍ତି ଓ ଅହିଂସାର ବାର୍ତ୍ତା ପ୍ରଚାର କରୁଛି। ଲୋକମାନଙ୍କ ମଧ୍ୟରେ ଶାନ୍ତିର ବାର୍ତ୍ତା ପ୍ରସାର ପାଇଁ ସମ୍ରାଟ ଅଶୋକ ଏଠାରେ ଅନେକ ଗୁଡିଏ ସ୍ତୁପ ଏବଂ ଶିଳାସ୍ତମ୍ଭ ନିର୍ମାଣ କରିଥିଲେ। ଆଜିର ଏହି ଆଧୁନିକ ଶାନ୍ତିସ୍ତୁପ ଜାପାନ ବୁଦ୍ଧ ସଂଘ ଏବଂ କଳିଙ୍ଗ ନିପନ ବୁଦ୍ଧ ସଂଘ ଦ୍ୱାରା ୭୦ଦଶକରେ ନିର୍ମାଣ କରାଯାଇଥିଲା। ଦେଶ ବିଦେଶରୁ ଏଠାକୁ ଯେଉଁ ପର୍ଯ୍ୟଟକମାନେ ଆସନ୍ତି ସେମାନେ ନିଶ୍ଚୟ ଧଉଳିର ଏହି ଶାନ୍ତି ସ୍ତୁପରୁ ଅହିଂସା, ଶାନ୍ତି ଓ ଦିବ୍ୟତ୍ୱର ଅନୁଭବ ନେଇ ଫେରନ୍ତି। ଓଡିଶା ଏକ ଶାନ୍ତିପ୍ରିୟ ରାଜ୍ୟ ଭାବେ ପ୍ରସିଦ୍ଧି ଅର୍ଜନ କରିଛି। ଧଉଳି ସ୍ତୁପ ଏହି ଶାନ୍ତିପ୍ରିୟ ମନୋଭାବର ପ୍ରତୀକ। ଧଉଳି ହୁଏତ ବୌଦ୍ଧ ଧର୍ମର ଏକ କୀର୍ତ୍ତିରାଜି ହୋଇପାରେ କିନ୍ତୁ ଏହା ଓଡିଆ ଭାଷା, ସଂସ୍କୃତି ଓ ପରମ୍ପରା ସହିତ ଏପରି ଭାବେ ସମ୍ମିଳିତ ହୋଇଯାଇଛି ଯେ ରାଜ୍ୟବାସୀ ଏହାକୁ ନିଜ ସଂସ୍କୃତିର ଏକ ଅଙ୍ଗଭାବେ ମାନି ନେଇଛନ୍ତି। ଧଉଳି ଶାନ୍ତି ସ୍ତୁପର ଆହୁରି ବିକାଶ କରାଯିବ ଏବଂ ଆଖପାଖ ଅଞ୍ଚଳର ବ୍ୟାପକ ଉନ୍ନତିକରଣ କରାଯିବ। ଧଉଳି ସମେତ ଆମର ସବୁ ଐତିହ୍ୟ ସ୍ଥଳୀ ଗୁଡିକର ବିକାଶ ପାଇଁ ସମନ୍ୱିତ ଯୋଜନା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ଆମ ସନାତନ ଧର୍ମ ଭଳି ବୌଦ୍ଧ ଧର୍ମର ଆଧାର ହେଉଛି ଅହିଂସା ପରୋମ ଧର୍ମ। ଯେତେବଡ ସମସ୍ୟା ଆସିଲେ ମଧ୍ୟ ତା'ର ସମାଧାନ ହିଂସା ନୁହେଁ ବରଂ ତାର ସମାଧାନ ଆପୋଷ କଥାବାର୍ତ୍ତା ମାଧ୍ୟମରେ ମଧ୍ୟ ହୋଇପାରିବ। ଏହାକୁ ଆଧାର କରି ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ ଋଷିଆ-ୟୁକ୍ରେନ ତଥା ଇସ୍ରାଏଲ- ଆରବ ଯୁଦ୍ଧର ଶାନ୍ତି ପୂର୍ଣ୍ଣ ସମାଧାନ ପାଇଁ ନିରନ୍ତର ଚେଷ୍ଟା କରୁଛନ୍ତି। କଥାବାର୍ତ୍ତା ମାଧ୍ୟମରେ ଭାରତ ଓ ଚୀନ ମଧ୍ୟରେ ଥିବା ସୀମା ବିବାଦର ମଧ୍ୟ ସମାଧାନ ହୋଇପାରିଛି। ଆଜି ମୋଦୀଜୀଙ୍କ ନେତୃତ୍ୱରେ ଭାରତ ବିଶ୍ୱ ବନ୍ଧୁଭାବେ ନିଜର ଏକ ଅଲଗା ପରିଚୟ ସୃଷ୍ଟି କରିପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ବିଶିଷ୍ଟ ବୌଦ୍ଧ ସନ୍ୟାସୀ ଶ୍ରୀ ଟି ଓକଙ୍ଗୀ ମୁଖ୍ୟମନ୍ତ୍ରୀଙ୍କୁ ଧଉଳି ଶାନ୍ତି ସ୍ତୁପର ଏକ ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ରାଜ୍ୟ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଥିଲେ ଯେ ଧଉଳି ଏକ ଐତିହ୍ୟ ସମ୍ପନ୍ନ ମାଟି। ଭଗବାନ ବୁଦ୍ଧଙ୍କ ବାଣୀକୁ ପ୍ରଚାର କରିବା ସହିତ ଓଡିଆ ଜାତିର ବୀରତ୍ୱର ପ୍ରତୀକ ହେଉଛି ଏହି ଧଉଳି ମାଟି। ସମ୍ରାଟ ଅଶୋକଙ୍କ ଦ୍ୱାରା ବୁଦ୍ଧଙ୍କର ଅହିଂସା ଓ ସତ୍ୟର ବାର୍ତ୍ତା ଏହି ଧଉଳି ମାଟିରୁ ପରିବ୍ୟାପ୍ତ ହୋଇଛି। ବୌଦ୍ଧଧର୍ମର ପ୍ରଚାର ପ୍ରସାରରେ ଓଡିଶାର ଯୋଗଦାନ ବିଷୟରେ ଇତିହାସରେ ଲିପିବଦ୍ଧ ହୋଇରହିଛି ବୋଲି ସେ କହିଥିଲେ।ଏକାମ୍ର ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂହ କହିଥିଲେ ଯେ କେବଳ ଓଡିଶାକୁ ନୁହେଁ ଭାରତବର୍ଷ ତଥା ସାରା ପୃଥିବୀକୁ ଶାନ୍ତିର ବାର୍ତ୍ତା ଦେଉଛି ଏହି ଧଉଳି। ଏ ମାଟି କେବଳ ଯୁଦ୍ଧ ଶିଖାଇ ନାହିଁ ଶାନ୍ତିର ବାର୍ତ୍ତା ମଧ୍ୟ ଦେଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ବିଧାୟକ ଶ୍ରୀ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ବିଜେପି ନେତା ଶ୍ରୀ ସମୀର ମହାନ୍ତି ଓ ଶ୍ରୀ ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମରେ କଳିଙ୍ଗ ନିପନ ବୁଦ୍ଧ ସଂଘର କୋର୍ଡିନେଟର ଶ୍ରୀ ରବି ମହାରଣା ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଉପସଭାପତି ଶ୍ରୀ ହରି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



## ବାୟୁ ପ୍ରଦୂଷଣ ଜନିତ ଅନେକ ରୋଗରୁ ମୁକ୍ତି ଦେବ 'ଗୁଡ'

ଭୁବନେଶ୍ୱର୪।୧୧(ପି.ଏନ): ଅକ୍ଟୋବର ୩୧ ତାରିଖ ଓ ନଭେମ୍ବର ୧ ତାରିଖରେ ସାରା ଓଡିଶାରେ ପ୍ରବଳ ମାତ୍ରାରେ ବାଣ ମରା ଯାଇଥିଲା। ସନ୍ଧ୍ୟା ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ବାଣ ମାରିବା ନେଇ ରାଜ୍ୟ ସରକାରଙ୍କ ତରଫରୁ ନିୟମ ରହିଥିଲେ ହେଁ ଲୋକମାନେ ତାହାକୁ ନ ମାନି ରାତି ୧୨ଟା ପରେ ବି ଫୁଟାଇଥିଲେ। ଏପରିକି ବାସି ବାଣକୁ ମଧ୍ୟ ଲୋକମାନେ ତା' ପରଦିନ ଫୁଟାଉଥିବାର ଦେଖାଯାଇଥିଲା। ତେବେ ବାଣ ମାରିବା କାରଣରୁ ରାଜଧାନୀର ଆକାଶ ଧୂଆଁମୟ ହୋଇଉଠିଥିଲା ଓ ବାୟୁ ପ୍ରଦୂଷିତ ହୋଇଥିଲା। ଦୀପାବଳିରେ ମରାଯାଇଥିବା ଏହି ବାଣ ପାଇଁ ବାୟୁମଣ୍ଡଳ ପ୍ରଦୂଷିତ ହେବା ସହ ବାୟୁ ଗୁଣବତ୍ତା ମାନ (ଏକ୍ୟୁଆଇ) ୨୦୦ ଟପିଯାଇଥିବା କୁହାଯାଇଥିଲା। ଲୋକମାନେ ହଜାର ହଜାର ଟଙ୍କାର ବାଣି କିଣି ତାହାକୁ ଘଣ୍ଟା ଘଣ୍ଟା ଧରି ମାରିଥିଲେ। ପରିଣାମ ସ୍ୱରୂପ ଭୁବନେଶ୍ୱରର ଆକାଶରେ ଧୂଆଁମୟ ପରିବେଶ ଦେଖିବାକୁ ମିଳିଥିଲା। ତେଣୁ ମାତ୍ର କେଇ ଘଣ୍ଟା ମଧ୍ୟରେ ଭୁବନେଶ୍ୱରର ଅବସ୍ଥା ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ପରି ହୋଇଯାଇଥିଲା। ଦିଲ୍ଲୀ ଏନସିଆର ଅଞ୍ଚଳରେ ଦୀପାବଳୀ ରାତିରେ ବାୟୁ ପ୍ରଦୂଷଣର ସ୍ତର ବଢ଼ି ଏକ୍ୟୁଆଇ ୮୦୦ ଟପି ଯାଇଥିଲା। ଗତ ଅକ୍ଟୋବର ୩୧ ତାରିଖରେ ଏତେମାତ୍ରାରେ ବାଣ ମରାଯାଇଥିଲା ଯେ, ତାହା ଗତ ୩ ବର୍ଷର ରେକର୍ଡକୁ ଭାଙ୍ଗିଦେଇଥିଲା। ବାୟୁ ପ୍ରଦୂଷଣ କାରଣରୁ ଅନେକ ରୋଗ ସୃଷ୍ଟି ହୋଇଥାଏ। ବାୟୁ ପ୍ରଦୂଷଣ କାରଣରୁ ଆମର ଶୁଙ୍ଘିବା ଶକ୍ତି ହ୍ରାସ ପାଉଥିବା ନେଇ ଗତବର୍ଷ ଏକ ରିସର୍ଚ୍ଚରୁ ଜଣାପଡିଥିଲା। ସେହିପରି ବାୟୁ ପ୍ରଦୂଷଣ ଆମର ହାଡକୁ ମଧ୍ୟ ଦୁର୍ବଳ କରିଦେଉଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିସହିତ ଏହି କାରଣରୁ ଆମ ଶରୀରରେ ଫୁସଫୁସ, ଶ୍ୱାସରୋଗ ରୋଗ ବଢ଼ିବା ସହିତ ଅନେକ ଅଙ୍ଗପ୍ରତ୍ୟଙ୍ଗ ମଧ୍ୟ ପ୍ରଭାବିତ ହୋଇଥାଏ। ତେବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏନେଇ ସୁପ୍ରିମକୋର୍ଟ ଅନେକ ଥର ସତର୍କ କରାଇଛନ୍ତି। ମାତ୍ର ଲୋକଙ୍କର ସଚେତନତା ଅଭାବରୁ ଏହାର ସୁଫଳ ମିଳିବା ବଦଳରେ ପରିସ୍ଥିତି ଜଟିଳ ହେବାରେ ଲାଗିଛି।









## ଟି ଟାଇମ୍

## ବୈଜନାଥ ମନ୍ଦିର

ହିମାଚଳ ପ୍ରଦେଶର କାଙ୍ଗଡା ଜିଲ୍ଲାରେ ବୈଜନାଥ ମନ୍ଦିର ଅବସ୍ଥିତ। ଏହି ମନ୍ଦିର ପାଣ୍ଡବଙ୍କ ସମୟରେ ନିର୍ମାଣ କରାଯାଇଥିଲା। ଅଜ୍ଞାତବାସ ସମୟରେ ପାଣ୍ଡବମାନେ ଏହି ମନ୍ଦିରକୁ ନିର୍ମାଣ କରିଥିଲେ ବୋଲି କେହି କେହି ମତ ବ୍ୟକ୍ତ କରିଛନ୍ତି। ମନ୍ଦିର ନିର୍ମାଣ କରିବା ସହ ସ୍ୱର୍ଗକୁ ଯିବା ପାଇଁ ନିଶୁଣୀ ତିଆରି କରିବା ପାଇଁ ଚାହିଁଥିଲେ କିନ୍ତୁ ସୂର୍ଯ୍ୟୋଦୟ ହୋଇଯିବାରୁ ଏହି କାମକୁ ଅଧାରୁ ଛାଡି ପାଣ୍ଡବ ଚାଲିଯାଇଥିଲେ। କୁହାଯାଇଛି ଯେ, ଏହି ମନ୍ଦିରରେ ସ୍ଥାପିତ ହୋଇଥିବା ଶିବଲିଙ୍ଗକୁ ରାବଣ ଶ୍ରୀଲଙ୍କା ନେଇଯାଉଥିଲା। ରାବଣ ଏହି ଲିଙ୍ଗକୁ ନେଇଯାଉଥିବା ଖବର ଜାଣି ଭଗବାନ ଗଣେଷ ରାବଣକୁ ଅଟକାଇ ଥିଲେ। ଫଳରେ ରାବଣ ଶିବଲିଙ୍ଗକୁ ସାଥିରେ ନନେଇ ଉକ୍ତ ସ୍ଥାନରେ ରଖିଦେଇଥିଲା। ସେହିପରି ଉତ୍ତରାଖଣ୍ଡରେ ଥିବା ବୈଦ୍ୟନାଥ ୧୨ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତମ। ଏଠାରେ ରାବଣ ଶିବଲିଙ୍ଗ ତିଆରି କରି ଶିବଙ୍କୁ ଆରଧନା କରିଥିଲେ। ଏଠାରେ ରାମଲୀଳା ଉତ୍ସବ କରାଯାଇନଥାଏ। ଯଦି କୌଣସି ଦଶତ ରାମଲୀଳା ପାଳନ କରିବା ପାଇଁ ଚେଷ୍ଟା କିଏ କଲା ତା ସହ କିଛି ନା କିଛି ସମସ୍ୟା ଦେଖାଦେଇଥାଏ ବୋଲି ଅନେକ ବିଶ୍ୱାସ କରିଥାନ୍ତି। ଏହି ମନ୍ଦିରରେ ମା' ଦୁର୍ଗାଙ୍କ ବିଭିନ୍ନ ରୂପ ମନ୍ଦିରର ଚାରିପଟେ ରହିଛି।

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ । ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ । ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା । ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ । ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ । ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା । କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ । ମା' ଶିପ୍ରା ନଦୀ ଉକ୍ତ ବିଃକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ । ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ । କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ । ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା । ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରୟାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ । ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି ।

# ୫୦୦ କୋଟି ବନାମ ୫୦୦ଟଙ୍କା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ ୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।



# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୂଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍‌ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

## ଆଜିର ଭାଗ୍ୟ

**ମେଷ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

## ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ । କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ୍ୟ ଜିଜ୍ଞାସା ଯାତ ହୋଇଥାଏ । ପଞ୍ଜାପୁରର ବଡଗାଓଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ । ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା । ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି । ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ । ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ୍ୟ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।




# ଲିଭିଯିବ କି ଇତିହାସ !

••••••ଅନନ୍ତ କୁମାର ସାମନ୍ତ••••••

ସରକାର ଯେଉଁ ବିଦ୍ୟାଳୟରେ ୨୦ରୁ କମ୍ ପିଲା ଅଛନ୍ତି ସେହି ବିଦ୍ୟାଳୟଗୁଡ଼ିକୁ ବନ୍ଦ କରି ପାଖ ବିଦ୍ୟାଳୟରେ ସାମିଲ କରିଦେବା ପାଇଁ ଏକ ନିଷ୍ପତି କରିଥିଲେ। ଏହି ନିଷ୍ପତି ପରେ ୧୪୦୦୦ ବିଦ୍ୟାଳୟ ବନ୍ଦ ହେବା କଥା ଜଣାପଡ଼ିଥିଲା। ସରକାରଙ୍କ ଏଭଳି ନିଷ୍ପତିକୁ ସଚେତନ ନାଗରିକମାନଙ୍କର ବିରୋଧ ଜୋର ଧରିବାରୁ ସରକାର ଏକ ଅନ୍‌ଲାଇନ ଗ୍ରିଭାନ୍ସର ବ୍ୟବସ୍ଥା ତଥା ଯେଉଁ ଗାଁର ଲୋକମାନେ ଅଭିଯୋଗ କରିବେ ସ୍ଥାନୀୟ ବି.ଇ.ଓ. ଏହା ଉପରେ ଆଲୋଚନା କରି ନିଷ୍ପତି ନେବେ ବୋଲି ଘୋଷଣା କଲେ। ଏପର୍ଯ୍ୟନ୍ତ ଏହି ପ୍ରକ୍ରିୟାରେ ୪୦୦୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ଇତିହାସ ପୃଷ୍ଠାକୁ ବନ୍ଦ କରିଦିଆଯାଇଛି। ଆହୁରି ଅନେକ ବିଦ୍ୟାଳୟ ଆଗାମୀ ଭବିଷ୍ୟତରେ ବନ୍ଦ ହେବାର ବାଟ ଖୋଲି ଚାଲିଛି। ଆସନ୍ତୁ ଜାଣିବା ଏହିପରି ଏକ ବିଦ୍ୟାଳୟ ମୟୂରଭଞ୍ଜ ଜିଲ୍ଲା, ମୋରଡ଼ା ବ୍ଲକର ଭାଟଛତର ପ୍ରାଥମିକ ବଦ୍ୟାଳୟ ବିଷୟରେ। ୨୦୨୧ରେ ୨୦ ଜଣ ପିଲାକୁ ନେଇ ବଂଚି ଯାଇଥିଲା ଏହି ବିଦ୍ୟାଳୟ। ଭାଟଛତର ଓ ଚିକିଟାମାଟିଆ/ଡୁଗୁରୁ ସାହିର ଦୁଇଟି ଗାଁର କେନ୍ଦ୍ରବିନ୍ଦୁରେ ଗଢ଼ି ଉଠିଛି ଏହି ବିଦ୍ୟାଳୟ। ଦୁଇଟି ଗାଁରେ ମୋଟ ୮୧ ପରିବାର ବାସ କରନ୍ତି, ଲୋକସଂଖ୍ୟା ୫୦୦ରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ୬ରୁ ୧୪ ବର୍ଷ ଭିତରେ ୮୨ ପିଲା ଥିବାବେଳେ ମାତ୍ର ସ୍ଥାନୀୟ ବିଦ୍ୟାଳୟରେ ପିଲାସଂଖ୍ୟା ମାତ୍ର ୧୭ ଜଣ। ୨୦୨୨ରେ ୨ଜଣ ଝିଅ ଓ ୧ ଜଣ ପୁଅ ଟିସି ନେଇ ପାଖ ଆଶ୍ରମ ବିଦ୍ୟାଳୟରେ ନାମ ଲେଖାଇଛନ୍ତି। ସ୍କୁଲ ମ୍ୟାନେଜମେଂଟ କମିଟିର ସଭାପତି ମନେନ୍ଦ୍ର ହାଂସଦା ପୁଅ ସିର୍ଜନ ହାଂସଦାର ଟି.ସି. ନେଇ ଆଶ୍ରମ ବିଦ୍ୟାଳୟରେ ନାମ ଲେଖାଇବାପରେ ଅନ୍ୟ ଦୁଇଜଣ ପିଲା ମଧ୍ୟ ଗଲେ ବୋଲି କହିଛନ୍ତି ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗେଶ୍ୱର ମହାନ୍ତ। ବର୍ତମାନ ଶ୍ରେଣୀ ପ୍ରଥମରେ –୩ ଜଣ, ଦ୍ୱିତୀୟ ଶ୍ରେଣୀ – ୧ ଜଣ, ଶ୍ରେଣୀ ତୃତୀୟ- ୩ ଜଣ, ଚତୁର୍ଥ ଶ୍ରେଣୀ–୩ ଜଣ, ପଚଂମ ଶ୍ରେଣୀ–୭ ଜଣ ଏହିପରି ମୋଟ ୧୭ ଜଣ ଅଛନ୍ତି। ପଚଂମ ଶ୍ରେଣୀ ପିଲା ପାଶ କରିଗଲା ପରେ ପ୍ରଥମ ଶ୍ରେଣୀରେ ସେତିକି ପିଲା ଯଦି ନଆସିବେ ସ୍ୱାଧୀନତା ପାଇବାର ମାତ୍ର ଦୁଇବର୍ଷ ପରେ ୧୯୪୯ ମସିହାରେ ହୋଇଥିବା ବିଦ୍ୟାଳୟଟି ସବୁଦିନ ପାଇଁ ଇତିହାସର ସାକ୍ଷୀ ହୋଇ ରହିଯିବ। ଏହି ବିଦ୍ୟାଳୟଟି ସାନ୍ତାଳ ସମ୍ପ୍ରଦାୟର ଜଣେ ବ୍ୟକ୍ତି ନିଜ ଜମିକୁ ଅନ୍ୟଜଣକୁ ଦେଇ ନିଜ ପାଖ ଗାଁର ଜମିକୁ ବଦଳାଇ ୭୧ ଡ଼ିସିମିଲ ଜମିକୁ ବିଦ୍ୟାଳୟକୁ ଦାନ କରିଥିଲେ। ଏହାପରେ ଗଢ଼ି ଉଠିଥିଲା ଭାଟଛତର ବିଦ୍ୟାଳୟ। ଏଥିମଧ୍ୟରେ ଅନେକ ପିଲା ଏଠାରୁ ପଚଂମ ପାଶ କରିଛନ୍ତି।



ଏହିମାନଙ୍କ ମଧ୍ୟରୁ ଜଣେ ବୈଜ୍ଞାନିକ ହୋଇ କାନାଡ଼ାରେ ଚାକିରି କରୁଥିବା ବେଳେ ଜଣେ ସଚିବାଳୟରେ ଅର୍ଥ ବିଭାଗରେ କାମ କରଥିବା ବେଳେ, ତିନିଜଣ ଜେଇ ଓ ପାଂଚଜଣ ଶିକ୍ଷକ ହୋଇଛନ୍ତି। ଏ ସବୁ ସତ୍ୱେ ଏବେ ନିଜର ଅସ୍ତିତ୍ୱ ଖୋଜୁଛି ବିଦ୍ୟାଳୟ। ଏହି ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ଆଁ କରି ଜଗି ବସିଛନ୍ତି ୯ କି.ମି. ଦୂରରେ ଥବା ବ୍ରାହ୍ମଣମରା ସେବାଶ୍ରମ ବିଦ୍ୟାଳୟ, ୮ କିମି ଦୂରରେ ଥିବା ସୋଡ଼ା ସେବାଶ୍ରମ ଓ ଭାଲୁକୁଟୁଆ ଆଶ୍ରମ ବିଦ୍ୟାଳୟ।

ପ୍ରସଙ୍ଗ ହେଲା ଯେଉଁସବୁ ଜିଲ୍ଲା ମାନଙ୍କରେ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଅଛନ୍ତି ତାଙ୍କର ଏତେ ଛୋଟ ପିଲାଙ୍କୁ ଆଶ୍ରମ/ ଆବାସିକ ବିଦ୍ୟାଳୟରେ ଛାଡ଼ିବା ପାଇଁ ଏତେ ତପ୍ର କାହିଁକି ? ପ୍ରକୃତରେ ଆଶ୍ରମ ବିଦ୍ୟାଳୟମାନଙ୍କରେ କ'ଣ ଅଧିକ ପାଠପଢ଼ା ହେଉଛି କି ? କେବଳ ବାପା–ମାଆମାନେ ନିଜ ଦାୟିତ୍ୱରୁ ମୁକ୍ତି ପାଇବା ପାଇଁ ପଠାଉଛନ୍ତି କି ? ନା ସେଠାରେ ଖାଇବା ଓ ଅନ୍ୟାନ୍ୟ ସୁବିଧା ମିଳୁଛି ବୋଲି ଅଭିଭାବକମାନେ ଇଚ୍ଛା କରୁଛନ୍ତି ! ଯଦି ସରକାର ଗାଁ ପାଖରେ ବିଦ୍ୟାଳୟ ଖୋଲିଲେ ଏବଂ ସେଠାକାର ସ୍ଥିତିକୁ ମଜଭୁତ ନ କରାଯାଇ କାହିଁକି ପୁଣି ଆଶ୍ରମ ବିଦ୍ୟାଳୟ ଖୋଲାଯାଇ ସିଟ ସଂଖ୍ୟା ବଢ଼ାଯାଉଛି ? ପ୍ରକାରାନ୍ତରେ ବିଦ୍ୟାଳୟଗୁଡ଼ିକ ବନ୍ଦ କରି ଆଉ ଶିକ୍ଷକ ନିଯୁକ୍ତି ନ ଦେଇ କମ୍ ଶିକ୍ଷକରେ ଅନେକ ପିଲାଙ୍କ ଏକ ଶିଳ୍ପ ଚଲାଇବା ପାଇଁ ଚାହୁଁଛନ୍ତି ଯାହା ଅନୁମେୟ କରି ହୁଏ। ଏବଂ ଏହି ଗାଁଗୁଡ଼ିକୁ ବସ୍ ଚଲାଇ ପିଲାମାନଙ୍କୁ ଆଣିବାର ବ୍ୟବସ୍ଥା ଚଳାଇଛନ୍ତି କି ? କିନ୍ତୁ ଯେଉଁମାନେ ପାହାଡ଼, ଝରଣା ଆଦି ଡ଼େଇଁ ଆସିପାରିବେ ନାହିଁ, ଯେଉଁ ପିଲାମାନେ ଘର କାମ ବି ସମ୍ଭାଳୁଥିଲେ ଓ ବିଦ୍ୟାଳୟ ଆସୁଥିଲେ ସେମାନେ ବିଦ୍ୟାଳୟକୁ ଆସିବେ ନା ଚିରଦିନ ରହିଯିବେ, ତାହା ଆଜି ପ୍ରଶ୍ନବାଚୀ ହୋଇ ଛିଡ଼ା ହୋଇଛି। ବିଦ୍ୟାଳୟର କିଛି ପିଲାଙ୍କ ସହିତ କଥା ହେବାରୁ ଜଣାପଡ଼ିଲା ସୁପ୍ରିତା ମୁର୍ଦ୍ଧାଣ୍ଡ, ସନତ ହାଂସଦା, ବର୍ଷା ହାଂସଦା ପଂଚମ, ଏହି



ପିଲାମାନେ ସ୍ପଷ୍ଟ ଭାବରେ ବହି ପଢ଼ିପାରୁଛନ୍ତି ଓ ବୁଝିପାରୁଛନ୍ତି। ଏମାନଙ୍କ ମଧ୍ୟରୁ ବର୍ଷା ହାଂସଦାର ମାଆ ତାଙ୍କ ବାପାଙ୍କ ସହିତ ଝଗଡ଼ା ହୋଇ ବର୍ଷେ ହେଲାଣି ପଳେଇଛି। ଏବେ ଘରର ରୋଷେଇ, ତିନିବର୍ଷର ଭାଇର ସମସ୍ତ ଦାୟିତ୍ୱ ତାକୁ ବୁଝିବାକୁ ପଡ଼େ। କୌଣସିଦିନ ବିଦ୍ୟାଳୟକୁ ଆସିବା ବନ୍ଦ କରିନାହିଁ ବର୍ଷା। ପାଠ ଭଲ ପଢୁଛି। ବୃନ୍ଦାବତୀ କ୍ରିମକୁ ପଂଚମ, ଦୁଲି ହେମ୍ରମ ଚତୁର୍ଥ, ଏମାନେ ବହି ପଢ଼ି ପାରୁନାହାଁନ୍ତି। ସେହିପରି ଝାଡ଼େଶ୍ୱର ମୁର୍ମୁ ଚତୁର୍ଥ ଶ୍ରେଣୀରେ ପଢ଼େ। ସେ ବହି ପଢ଼ି ପାରୁନାହିଁ କିନ୍ତୁ ଗଣିତରେ ଭଲ କରୁଛି। ପ୍ରତିଦିନ ନଦୀକୁ ଯାଇ ମାଛ ଧରେ। ସେ କାଲେ ହାତ ଓ ଜାଲ ମୁଣି ସାହାଯ୍ୟରେ ଭଲ ମାଛ ଧରିବାରେ ସାଙ୍ଗ ମାନଙ୍କ ଭିତରେ ଭାରି ଦକ୍ଷ। ବାଟୁଳି ମାରି ଗୋଟିଏ କପୋତ ପକ୍ଷୀ ମାରିଛି, ମୂଷାର ହିସାବ ନାହିଁ ତା ପାଖରେ କେତେ ମାରିଛି। ପିଲାମାନେ ନିଜ ଭିତରେ କଥାହେଲାବେଳେ ସାନ୍ତାଳି ଭାଷାରେ କଥା ହେଉଛନ୍ତି, ତାଙ୍କ ସାଧାରଣ ବର୍ଗର ସାଙ୍ଗ ଓ ସାର୍‌ଙ୍କ ସହିତ କଥାହେବା ବେଳେ ଓଡ଼ିଆରେ କଥା ହେଉଛନ୍ତି। କଥାବାର୍ତା ଚାଲୁଥିବା ବେଳେ ଖାଇବା ବେଲ୍ ବାଜିଲା ମୁଁ ବି ସାଙ୍ଗରେ ଚାଲିଲି, ପିଲାମାନେ ସାରଙ୍କୁ ଯାଇ ସାବୁନ ମାଗିଲେ, ସାର ସାବୁନ ଦେବାପରେ ପିଲାମାନେ ୭ଟି ଷ୍ଟେପ ଅନୁଯାୟୀ ହାତ ଧୋଇବା ଦେଖିଲି। ଭାତ ଡ଼ାଲି ଅଣ୍ଡା ଖାଇବା ଦେଖିଲି। ବର୍ଷା ଅଣ୍ଡା ନଖାଇ ମୁଣିରେ ପୁରାଇଲା। ମୁଁ ପଚାରିଲି ତୁମେ ଅଣ୍ଡା ଖାଉନ କାହିଁକି, କହିଲା ଭାଇ ପାଇଁ ନେବି। ସ୍କୁଲ ବନ୍ଦ ହେଲେ ଏ ପିଲାମାନେ ପାଠ ପଢ଼ିବାକୁ ସୁଯୋଗ ପାଇବେ ତ ? ଯଦି ଆଶ୍ରମ ସ୍କୁଲରେ ପାଠ ପଢ଼ାଇବାର ଥିଲା ତାହାହେଲେ ଏତେ ବିଦ୍ୟାଳୟ ଖୋଲିଥିଲେ କାହିଁକି ? ଆଶ୍ରମ ସ୍କୁଲରୁ ଯେଉଁ ପିଲାମାନେ ପାଠ ପଢ଼ି ଆସିବେ ସେମାନଙ୍କର ତାଙ୍କ ପରିବାର ପ୍ରତି କେତେ ଆବେଗିକ ଭାବପ୍ରବଣତା ରହିବ ତାହା ଗବେଷଣାସାପେକ୍ଷ। ଏଣୁ ଏବେବି ସମୟ ଅଛି, ସରକାର ଯଦି ଗାଁ ବିଦ୍ୟାଳୟକୁ ସରସସୁନ୍ଦର କରି ଗଢ଼ିତୋଳନ୍ତେ ଓ ବିଦ୍ୟାଳୟଗୁଡ଼ିକର ଶିକ୍ଷଣର ସ୍ତରକୁ ବଢ଼ାଇପାରନ୍ତେ ଯାହାଦ୍ୱାରା ଅନେକ ପିଲା ଉପକୃତ ହେବା ସହିତ ପିଲାଟି ନିଜ ସମାଜ ଭିତରେ ରହି ନିଜ ସମାଜରେ ଭଲ ମଣିଷ ହେବା ସହିତ ଦେଶ ପାଇଁ ଏକ ଭଲ ନାଗରିକ ହୋଇ ବାହାରିପାରନ୍ତା।

# ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)-ଗତକାଲି ସକାଳେ ସ୍ଥାନୀୟ ପରମିଟ୍ ପଡିଆଠାରେ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଉପସ୍ଥିତିରେ ଏକ କ୍ରୀଡା ପ୍ରତିଯୋଗୀ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଉଦ୍‌ଘାଟନ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କ୍ରୀଡାକୁ ପ୍ରୋତ୍ସାହନ ଯୋଜନାରେ ଆୟୋଜିତ ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମାଧ୍ୟମରେ ତୃଣମୂଳସ୍ତରରୁ କ୍ରୀଡା ପ୍ରତିଭାମାନଙ୍କୁ ଚୟନ ସହ ସେମାନଙ୍କୁ ଆଗକୁ ବଢିବା ପାଇଁ ପ୍ରୋତ୍ସାହିତ କରାଯାଉଅଛି ବୋଲି ଜିଲ୍ଲାପାଳ ଶ୍ରୀ ଶିନ୍ଦେ ପ୍ରକାଶ କରିଥିଲେ । ନିକଟରେ ବାଲେଶ୍ୱର ଜିଲ୍ଲାର ଖୋ ଖୋ ଖେଳାଳୀମାନେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଜାତୀୟସ୍ତରରେ ସଫଳତା ଲାଭ କରିପାରିଛନ୍ତି । ଏହା ଜିଲ୍ଲା ତଥା ରାଜ୍ୟ ପାଇଁ ସୁନାମ ଆଣିପାରିଥିବା ବେଳେ ଆମ ଜିଲ୍ଲାରୁ ଯେଭଳି ଅଧିକରୁ ଅଧିକ କ୍ରୀଡାବିତ୍ ରାଜ୍ୟ ଓ ଜାତୀୟସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ସେଥି ନିମନ୍ତେ ସମସ୍ତ ସହଯୋଗ ପ୍ରଦାନ କରିବାକୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ । ଜିଲ୍ଲା କ୍ରୀଡା ସଂଘ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିରପେକ୍ଷ ଭାବେ ପ୍ରକୃତ ପ୍ରତିଭା ଚୟନ ନିମନ୍ତେ ସେ ବିଚାରକମଣ୍ଡଳୀକୁ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା କ୍ରୀଡା ସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀ ଅଧୀପ ଦାସ ଏବଂ ସାଧାରଣ ସମ୍ପାଦକ ଶ୍ରୀ ଅଭୟ ମହାପାତ୍ର ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କ୍ରୀଡା ପ୍ରତିଭା ଅନ୍ୱେଷଣରେ ଜିଲ୍ଲା କ୍ରୀଡା ସଂଘର ସହାୟତା ପ୍ରଦାନ କରିବା ନେଇ ନିଜର ବକ୍ତବ୍ୟ ରଖିଥିଲେ । ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଯୁବ କ୍ରୀଡାବିତମାନେ ବହୁମାତ୍ରାରେ ଉତ୍ସାହିତ ହେବେ ବୋଲି ସେମାନେ କହିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଚୟନ ହୋଇଥିବା କ୍ରୀଡାବିତ୍‌ମାନେ ରାଜ୍ୟସ୍ତରୀୟ ଶାରୀରିକ ଦକ୍ଷତା ଏବଂ କ୍ରୀଡା ଦକ୍ଷତା ପରୀକ୍ଷାରେ ଉତୀର୍ଣ୍ଣ ପରେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ କ୍ରୀଡା ଛାତ୍ରାବାସଗୁଡିକରେ ରହିବା, ପାଠ ପଢିବା ଏବଂ କ୍ରୀଡା ଅଭ୍ୟାସ କରିବାର ସୁବିଧା ଲାଭ କରିପାରିବେ । ବାଲେଶ୍ୱର ଜିଲ୍ଲାରେ ଏହି କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଜୁଲାଇ ୨, ୪ ଓ ୭ ତାରିଖ ଦିନ ବାଲେଶ୍ୱର ସହର ପରମିଟ୍ ପଡିଆଠାରେ ଅନୁଷ୍ଠିତ ହେଉଥିବା ବେଳେ ଜୁଲାଇ ୬ତାରିଖ ଦିନ ଏହା ସିମୁଳିଆ ସ୍ଥିତ ମାର୍କୋଣା ଆର.ଏନ.ହାଇସ୍କୁଲରେ ଅନୁଷ୍ଠିତ ହେବ । ଆଜି ଆଥଲେଟିକ ବିଭାଗରେ ସଟଲ ରନ, ୩୦ମିଟର ରନ୍, ଫରଓ୍ୱାର୍ଡ ବ୍ୟାଣ୍ଡ ଏଣ୍ଡ ରିଚ୍, କ୍ରିକେଟ ବଲ ଥ୍ରୋ ଇତ୍ୟାଦି ମାଧ୍ୟମରେ କ୍ରୀଡାବିତ୍‌ମାନଙ୍କ ଶାରୀରିକ ଦକ୍ଷତାର ପରୀକ୍ଷଣ ହୋଇଥିବା ବେଳେ ଆସନ୍ତା ୪ତାରିଖ ଦିନ କବାଡି ଖେଳ ମାଧ୍ୟମରେ ସେମାନଙ୍କ ଶାରୀରିକ ଓ କ୍ରୀଡା ଦକ୍ଷତାର ପରୀକ୍ଷଣ କରାଯିବ । ସେହିପରି ଆସନ୍ତା ୬ତାରିଖ ଦିନ ଭଲିବଲ ଏବଂ ୭ତାରିଖ ଦିନ ଭାରୋତଳନରେ କ୍ରୀଡାବିତ୍‌ମାନଙ୍କ ଶାରୀରିକ ଓ କ୍ରୀଡା ଦକ୍ଷତାର ପରୀକ୍ଷଣ କରାଯିବ । ଏଭଳି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଦ୍ୱାରା ସବୁ ବର୍ଗର କ୍ରୀଡା ପ୍ରତିଭାମାନେ ସେମାନଙ୍କ ଦକ୍ଷତା ବୃଦ୍ଧି ସହ ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ସୁଯୋଗ ପାଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା ଉଦଘାଟନୀ କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

—ସାମାଜିକ ମଙ୍ଗଳ ପାଇଁ ଜୀବନ ଅଭିପ୍ରେତ—

# ଶିକ୍ଷାବିତ୍ ଭୀମସେନ ପ୍ରଧାନଙ୍କ ଜୟନ୍ତୀ



ଖୋର୍ଦ୍ଧା (ପିଏନ୍): ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଭୀମସେନ ପ୍ରଧାନଙ୍କ ୮୨ ତମ ଜୟନ୍ତୀରେ ସଂଗଠନ ପକ୍ଷରୁ ତାଂକୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ନିରାଡ଼ମ୍ବର କାର୍ଯ୍ୟକ୍ରମରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ସଭାପତିତ୍ୱ କରି ଶ୍ରୀଯୁକ୍ତ ପ୍ରଧାନଙ୍କୁ ସଂଗ୍ରାମ ଓ ସ୍ୱାଭିମାନର ସଚ୍ଚା ମଣିଷ ଭାବେ ବର୍ଣ୍ଣନା କରିଥିଲେ। ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ପାଇକ ବିଦ୍ରୋହକୁ ମାନ୍ୟତା ଦେବା ଏବଂ ବରୁଣେଇରେ ପାଇକ ସ୍ମାରକୀ ସ୍ଥାପନ ପାଇଁ ତାଂକର ବଳିଷ୍ଠ ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଶ୍ରୀ ବଳିଆରସିଂହ ମତ ଦେଇଥିଲେ। ସମ୍ବର୍ଦ୍ଧନାର ଉତ୍ତର ଦେଇ ଶ୍ରୀଯୁକ୍ତ ପ୍ରଧାନ କହିଥିଲେ ଯେ, ମଣିଷ ଜୀବନ କେବଳ ବ୍ୟକ୍ତିଗତ ଉପଲବ୍ଧି ପାଇଁ ନୁହେଁ, ଏହା ସାମାଜିକ ମଙ୍ଗଳ କାର୍ଯ୍ୟରେ ଉପଯୋଗ ହେବା ଉଚିତ। ନିଜ ଜୀବନରେ ସେ ସେୟା ହିଁ କରିଆସିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଳିଙ୍ଗ ପାଇକ ସଂଗଠନର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଆମରି ସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଦାଶ, ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ, ଧରଣୀଧର ଛୋଟରାୟ ପ୍ରମୁଖ ଉପସ୍ଥିତ ରହି ତାଙ୍କର ବହୁମୁଖୀ ଗୁଣାବଳି ସମ୍ପର୍କରେ ଆଲୋକପାତ କରିଥିଲେ। ଖୋର୍ଦ୍ଧାର ସର୍ବବିଧ ଉନ୍ନତି ସହ ଶୈକ୍ଷିକ, ସାମାଜିକ ତଥା ସାଂସ୍କୃତିକ ଜୀବନରେ ଶ୍ରୀଯୁକ୍ତ ପ୍ରଧାନଙ୍କ ଉପସ୍ଥିତି ନୂତନ ପିଢିକି ବଳ ଯୋଗାଇଛି ବୋଲି ବକ୍ତାମାନେ ମତ ଦେଇଥିଲେ। ୧୯୩୯ ମସିହା ଶ୍ରୀଗୁଣ୍ଡିଚା ତିଥିରେ ବାଣପୁର ପଞ୍ଚୁଗାଁରେ ଜନ୍ମିତ ଶ୍ରୀଯୁକ୍ତ ପ୍ରଧାନ ସିଟି ସ୍କୁଲରେ ଶିକ୍ଷକତା ପରେ ଖୋର୍ଦ୍ଧା ବକ୍ସି ଜଗବଂଧୁ ହାଇସ୍କୁଲର ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରି ଛାତ୍ର, ଶିକ୍ଷକ ତଥା ଅଭିଭାବକ ମହଲରେ ବେଶ୍ ଲୋକପ୍ରିୟ ହୋଇଥିଲେ। ଗଜପତି ଓ ଭୁବନେଶ୍ୱର ଶିକ୍ଷା ଜିଲା ନିରୀକ୍ଷକ ଭାବେ କାର୍ଯ୍ୟ କରି ଶିକ୍ଷା ପ୍ରଶାସନକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ କରିପାରିଥିଲେ। ପିଲାଙ୍କ ପାଇଁ ପ୍ରସ୍ତୁତ ହେଉଥିବା ପାଠ୍ୟପୁସ୍ତକଗୁଡ଼ିକର ସେ ଥିଲେ ଅନ୍ୟତମ ଲେଖକ। ମହାଭାରତର ଦ୍ୱିତୀୟ ପାଣ୍ଡବ ଭୀମଙ୍କ ଭଳି ତାଙ୍କର ଶରୀର କି ଉଚ୍ଚତା ନାହିଁ, କିନ୍ତୁ ମନୋବଳରେ ସେ ହେଉଛନ୍ତି ଭୀମ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ଶ୍ରୀଯୁକ୍ତ ପ୍ରଧାନଙ୍କ ସହଧର୍ମିଣୀ ସମାଜସେବୀ ସୁଷମା ପ୍ରଧାନ ସ୍ୱାମୀଙ୍କ ଜୀବନ ସଂଘର୍ଷ ସମ୍ପର୍କରେ ଆଲୋକପାତ କରିଥିଲେ।

# କୋଟି ହୃଦୟର ସମ୍ରାଟ ସୁଶ୍ରୁତ କବିପ୍ରସାଦ

କେବଳ ଭାରତବର୍ଷରେ ନୁହେଁ ପ୍ରବାସରେ ମହାପ୍ରଭୁ ଜଗନ୍ନାଥଙ୍କ ସଂସ୍କୃତି ଓ ବାର୍ତ୍ତାର ଦିଗନ୍ତ ପ୍ରଚାରକ, ଖ୍ୟାତିସମ୍ପନ୍ନ ସୁଲେଖକ, ପ୍ରସିଦ୍ଧ ହୃଦ୍‌ରୋଗ ବିଶେଷଜ୍ଞ ଏକାଧାରରେ ବାଗ୍ମୀ ଓ ସମାଜସେବୀ ଡାକ୍ତର କବିପ୍ରସାଦ ମିଶ୍ରଙ୍କର ଆଜି ହେଉଛି ଚତୁର୍ଥ ବାର୍ଷିକ ଶ୍ରାଦ୍ଧ। ମାତ୍ର ୭୭ ବର୍ଷ ବୟସରେ ପହଞ୍ଚିଥିବା ଏହି ଖ୍ୟାତିସମ୍ପନ୍ନ ଲେଖକ, ଚିକିତ୍ସକ, ବିଦ୍ୱାନ ଓ ସର୍ବୋପରି ଜଣେ ନିରଳଶ ମଣିଷ ଡାକ୍ତର କବି ମିଶ୍ର କଟକରେ ନିଜ ରଚିତ ପୁସ୍ତକର ଉନ୍ମୋଚନ ଅବସରରେ ଅସୁସ୍ଥତା ଲାଭ ପରେ ଏ ପାର୍ଥିବ ଦୁନିଆ ଛାଡ଼ିଥିଲେ। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ମିଶ୍ର, ମାତା ଭବାନୀ ଦେବୀଙ୍କ କୋଳମଣ୍ଡନ କରିଥିବା ଏହି ବହୁବିଧ ପରିଚୟରେ ସମୃଦ୍ଧ ବିଗ୍‌ବତା ସାଧକ କଟକର କାଜିବଜାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବଡ଼ଭାଇ ରବୀନ୍ଦ୍ର ନାରାୟଣ ମିଶ୍ର ଜଣେ ଅବସରପ୍ରାପ୍ତ ପ୍ରଶାସକ ତଥା ଜଗନ୍ନାଥ ସଂସ୍କୃତିର ପ୍ରଚାରକ ହୋଇଥିବାବେଳେ ତାଙ୍କ ଅନୁଜ ଦେବୀପ୍ରସାଦ ମିଶ୍ର ନାଲ୍‌କୋର ଜଣେ ବରିଷ୍ଠ ପଦାଧିକାରୀ। ପିଲାଟି ଦିନରୁ ସ୍ୱର୍ଗତଃ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ପଟ୍ଟଶିଷ୍ୟ ଭାବେ ଭାରତୀୟ ତଥା ଉତ୍କଳୀୟ ସଂସ୍କୃତି, ଧର୍ମ, କଳା ଓ ସାହିତ୍ୟରେ ଗଭୀର ଅନୁରାଗ ରଖିଥିବା ସହ କେବଳ ଓଡ଼ିଆ ନୁହେଁ ଇଂରାଜୀ ଭାଷାରେ ସେ ଅନେକ ସାରସ୍ୱତ ସାଧନାର କୃତି ଛାଡ଼ିଯାଇଛନ୍ତି । ରେଭେନ୍ସା କଲିଜିଏଟ୍ ସ୍କୁଲରୁ ପ୍ରାଥମିକ ଶିକ୍ଷା ପରେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, ଚଣ୍ଡିଗଡ଼ର ଭେଷଜ ବିଜ୍ଞାନ ବିଷୟରେ ଶିକ୍ଷା ଓ ସ୍ନାତକୋତ୍ତର ଅନୁଷ୍ଠାନର ପ୍ରଭୃତିରୁ ସେ ଶିକ୍ଷା ପ୍ରାପ୍ତ ହେବାପରେ ପ୍ରଥମେ ଚଣ୍ଡୀଗଡ଼, ଦିଲ୍ଲୀ ଓ ପରେ ଆମେରିକାରେ ଅନେକ ବର୍ଷ ଧରି ହୃଦ୍‌ରୋଗ ବିଜ୍ଞାନର ବିଭିନ୍ନ ଗବେଷଣାତ୍ମକ ଦିଗ ଉପରେ ଶିକ୍ଷାଲାଭ କରି ଭାରତ ଫେରିଥିଲେ। ରାଉଲକେଲା ଇସ୍ପାତ ଜେନେରାଲ ହସ୍‌ପିଟାଲ, ଚେନ୍ନାଇର ଆପୋଲ ହସ୍‌ପିଟାଲ, ଭୁବନେଶ୍ୱରର ଆପୋଲ ହସ୍‌ପିଟାଲରେ ସୁପ୍ରସିଦ୍ଧ ହୃଦ୍‌ରୋଗ ବିଶେଷଜ୍ଞ ଭାବେ ସେ ବେଶ୍ ସୁଖ୍ୟାତି ଅର୍ଜନ କରିଥିଲେ। କିଛିବର୍ଷ ତଳୁ ଭୁବନେଶ୍ୱରର ରାମକୃଷ୍ଣ ହସ୍‌ପିଟାଲ, ଶ୍ରୀ ଶ୍ରୀ ବଡ଼ଦା ହସ୍‌ପିଟାଲରେ ବିନା ମୂଲ୍ୟରେ ଚିକିତ୍ସା ସେବା କରୁଥିବା ଡାକ୍ତର ମିଶ୍ର ହୃଦ୍‌ରୋଗ କ୍ଷେତ୍ରରେ ତାଙ୍କର ବିଶେଷ ଚିକିତ୍ସା ସେବାରେ ସେ ଅନେକ ମୁମୂର୍ଷୁଙ୍କ ଜୀବନ ରକ୍ଷା କରିପାରିଥିଲେ। ଚେନ୍ନାଇରେ ଚିକିତ୍ସା ସେବା କରୁଥିବା ସମୟରେ ସ୍ଥାନୀୟ ଉତ୍କଳ ଆସୋସିଏସନ୍‌ର ସଭାପତି ଭାବେ ଗୁରୁଦାୟିତ୍ୱ ତୁଲାଉଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟାନୁଭୂତିକୁ ନେଇ ତାଙ୍କ ଦ୍ୱାରା ଲିଖିତ 'ବାଇଶ ପାହାଚ'ର ପନ୍ଦରଟି ସଂସ୍କରଣ ତାଙ୍କ ଆଧାତ୍ମିକ ସାହିତ୍ୟସେବାର ପଟୁତାର ଅକାଟ୍ୟ ପ୍ରମାଣ ଦିଏ। ଜଗନ୍ନାଥ ସଂସ୍କୃତି ସହ ଭଞ୍ଜ ସାହିତ୍ୟର ଜଣେ ସଫଳ ପ୍ରବକ୍ତା ଭାବେ ଦେଶ ବିଦେଶରେ ପରିଚିତ ଏହି ସାରସ୍ୱତ ଓ ଚିକିତ୍ସା ସେବକ ନିଜ ସାରସ୍ୱତ କୃତି, ନିରଳସ ସମାଜସେବା ସହ ଉନ୍ନତମାନର ଚିକିତ୍ସା ସେବା ପାଇଁ ବହୁ ଅନୁଷ୍ଠାନ ପକ୍ଷରୁ ସେ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ନିଃସନ୍ଦେହରେ କୁହାଯାଇପାରେ, ଯେ ଜଣେ ପ୍ରବକ୍ତା ତଥା ବାଗ୍ମୀ ଭାବେ ଜନମାନସରେ ତାଙ୍କର ଯେତିକି ଛାପ ରହିଥିଲା ଜଣେ ସରଳ ତଥା କୋମଳ ଲେଖକ ଓ ଚିକିତ୍ସକ ଭାବେ ସମ ପରିମାଣର ଭଲ ପାଇବା ଅଗଣିତ ଓଡ଼ିଆଙ୍କ ହୃଦୟରେ ଚିରକାଳ ଜାଜ୍ୱଲ୍ୟମାନ ହୋଇ ରହିବ। ଜଗନ୍ନାଥ ସଂସ୍କୃତିର ପ୍ରଚାରରେ ତାଙ୍କର ଅନବଦ୍ୟ ଅବଦାନ କାଳ କାଳକୁ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ନିଶ୍ଚୟ ।

## ଇଡି ଅଫିସରେ କଳାପତାକା ଲଗାଇଲା ଯୁବ କଂଗ୍ରେସ



ଭୁବନେଶ୍ୱର (ପିଏନ): ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି) ଭାରତୀୟ ଜାତୀୟ କଂଗ୍ରେସର ପୂର୍ବତନ ସଭାପତି ଶ୍ରୀଯୁକ୍ତ ରାହୁଲ ଗାନ୍ଧିଙ୍କୁ ଯେଭଳି ଭାବେ ବିନା କୌଣସି ତଥ୍ୟ ପ୍ରମାଣ କି କେସ୍ ନଥାଇ ଭାରତୀୟ ଜନତାଦଳ (ବିଜେପି)ର ଇସାରାରେ ବିଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ ହୀନ ପ୍ରଚେଷ୍ଟାରେ ବାରମ୍ବାର ଅପମାନିତ କରି ଜେରା କରୁଛି, ଏହାକୁ ବିରୋଧ କରି ଓଡ଼ିଶା ଯୁବ କଂଗ୍ରେସ ସଭାପତି ଡ଼. ସ୍ମୃତିରଂଜନ ଲେଙ୍କାଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ଇଡି କାର୍ଯ୍ୟାଳୟରେ କଳାପତାକା ଲଗାଇ ଓ ଏହାକୁ ବିଜେପି ଅଫିସ ବୋଲି କଳାକାଳିରେ ଓ୍ୱାଲ୍ ପେଂଟିଙ୍ଗ୍ କରି ବିରୋଧ ପ୍ରଦର୍ଶନ କରାଯାଇଛି। ୨୦୧୪ ମସିହାଠାରୁ ଯେଭଳି ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଜେପି ଦଳ ଗାନ୍ଧି ପରିବାର ବିରୁଦ୍ଧରେ ବହୁ ମିଛ ଓ ଅସତ୍ୟ ତଥ୍ୟ ଦେଇ ଇଡି, ସିବିଆଇ ଆଦି ସମ୍ବିଧାନିକ ସଂସ୍ଥାକୁ ରାଜନୈତିକ ଦଳର ଛାମୁଆ ସଂସ୍ଥା ଭାବେ ବ୍ୟବହାର କରୁଛି, ତାହା ଗଣତନ୍ତ୍ରରେ ଅତ୍ୟନ୍ତ ହୀନମନ୍ୟତାକୁ ଦର୍ଶାଇଛି ବୋଲି ଡ. ଲେଙ୍କା ପ୍ରକାଶ କରିଛନ୍ତି। ଯେଉଁ ନ୍ୟାସନ୍ୟାଲ ହେରାଲ୍ଡ ଖବରକାଗଜରେ ମନି ଲଣ୍ଡରିଂ ତଥ୍ୟ ପ୍ରକାଶ କରାଯାଇଛି ତାହା ସମ୍ପୂର୍ଣ୍ଣ ଭିତିହୀନ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। କାରଣ ଏଥିରେ କୌଣସି ଅର୍ଥର କାରବାର ହୋଇନାହିଁ କିମ୍ବା ଏହି ଅର୍ଥ କାରବାର ଯୋଗୁଁ ଗାନ୍ଧି ପରିବାର ଉପକୃତ ହୋଇନାହିଁ ବା ଅଧିକ ଅର୍ଥ ଉପାର୍ଜନ କରିନାହିଁ। ତେଣୁ ଏହି ଘଟଣାରେ ଇଡି ଯେଉଁ ହୀନ ଚକ୍ରାନ୍ତ କରି ଜେରା କରୁଛି, ତାହା ସମ୍ପୂର୍ଣ୍ଣ ଭାବେ ନିନ୍ଦନୀୟ ବୋଲି ଓଡିଶା ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା ପ୍ରକାଶ କରିଛନ୍ତି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ନିରଂଜନ ନାୟକ, ଜ୍ଞାନରଂଜନ ରାଉତ, ବିଶ୍ୱଜିତ ଲେଙ୍କା, ସୌମ୍ୟପ୍ରକାଶ ମିଶ୍ର, ଅକ୍ଷୟ କୁମାର ମଲ ଓ ରିତୁର ମହାରଣା ପ୍ରମୁଖ ଉପସ୍ଥିତ ଥଲେ।

# ଦୁର୍ଘଟଣା ଜୋନ୍ ପାଲଟିଛି ଜାରକା ସିନେମା ହଲ୍ ଡାଇଭର୍ସନ୍

ଧର୍ମଶାଳା (ପିଏନ୍): ଦୁର୍ଘଟଣା ଜୋନ୍ ପାଲଟିଛି ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଜାରକା ସିନେମା ହଲ ସମ୍ମୁଖ ଡାଇଭର୍ସନ୍ । ରାଜପଥ ସଂପ୍ରସାରଣ ପାଇଁ ଦୀର୍ଘଦିନ ହେଲା ଏଠାରେ ଏକ ଡାଇଭର୍ସନ୍ କରାଯାଇଛି । ଠିକାସଂସ୍ଥା ଏନେଇ ଆବଶ୍ୟକ ଅନୁଯାୟୀ ସୂଚନା ଦେଇନାହିଁ । ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଛି । ନିୟମାନୁସାରେ ଡାଇଭର୍ସନ୍ ନିକଟରେ ରାସ୍ତା ବନ୍ଦ କରାଯାଇ ସ୍ୱଷ୍ଟ ରେଡ଼ିୟମ ସୂଚନା ଫଳକ ଲଗାଯିବା କଥା । ହେଲେ ଏଠାରେ କେତୋଟି କଂକ୍ରିଟ୍ ରୋଡ୍ ବ୍ରେକର ରଖାଯାଇ ଦ୍ୱାୟିତ୍ୱ ସାରି ଦିଆଯାଇଛି । ବିଶେଷ କରି ବିଳମ୍ବିତ ରାତିରେ ଦ୍ରୁତ ଗତିରେ ଆସୁଥିବା ଗାଡ଼ିଗୁଡ଼ିକ ଡାଇଭର୍ସନ୍ ଜାଣି ନପାରି ଏଠାରେ ଦୁର୍ଘଟଣାର ଶିକାର ହେଉଛନ୍ତି । କିଛିଦିନ ତଳେ ବିଳମ୍ବିତ ରାତିରେ



ଏକ ମାଲ୍ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ଟ୍ରକଟି କୋଲକତା ଅଭିମୁଖେ ଯାଉଥିବା ବେଳେ ଡାଇଭର୍ସନ୍ ଜାଣି ନପାରି ରାସ୍ତା ପାର୍ଶ୍ୱ ଡ୍ରେନ୍ ଉପରେ ଚଢିଯାଇ ଓଲଟି ପଡିଥିଲା। ଏଥିରେ ଟ୍ରକ୍ ଡ୍ରାଇଭର ଓ ହେଲପର ଆହତ ହୋଇଛନ୍ତି । ସେହିପରି ନିକଟଅତୀତରେ ଏକ କାର୍ ଡାଇଭର୍ସନ୍ ଜାଣି ନପାରି ଦୁଇଟି କଂକ୍ରିଟ୍ ରୋଡ୍ ବ୍ରେକରକୁ ପ୍ରାୟ ଶହେ ଫୁଟ୍ ପର୍ଯ୍ୟନ୍ତ ଘୋଷାରି ନେଇ ନିକଟସ୍ଥ ରାସ୍ତା ବାଡ଼ାରେ ପିଟି ହୋଇଯାଇଥିଲା । ଏଥିରେ ଖଡ଼ଗପୁର ଯାଉଥିବା ୫ଜଣ ଯାତ୍ରୀ ଆହତ ହୋଇଥିଲେ । ଏ ସଂପର୍କରେ ଅଭିଯୋଗ ହେବା ପରେ ଠିକାସଂସ୍ଥା ଏଠାରେ କିଛି ଚିପ୍ସ ଗଦେଇ ଦେଇଛି । ପୂର୍ବରୁ ଉକ୍ତ ସ୍ଥାନରେ ଅନେକ ଗାଡ଼ିମୋଟର ଦୁର୍ଘଟଣାଗ୍ରସ୍ତ ହୋଇ ୨ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ସେହିପରି ଏହି ରାସ୍ତାର ଅପରପାର୍ଶ୍ୱ ଭେଙ୍କଟେଶ୍ୱର ସ୍କୁଲ ସାମ୍‌ନାରେ ହୋଇଥିବା ଡାଇଭର୍ସନ୍ ସଂପର୍କରେ ଆଦୌ ସୂଚନା ଦିଆଯାଇନାହିଁ । ଉଭୟ ସ୍ଥାନରେ ପୁଲିସ୍ ପ୍ରହରା କିମ୍ବା ଠିକାସଂସ୍ଥା କର୍ମଚାରୀ ମୁତୟନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଦୟାନନ୍ଦ ଆଦର୍ଶ ଗୁରୁକୁଳର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଂଚାୟତ ପରିଛଲ ଗ୍ରାମସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏ ନେଇ ଗୁରୁକୁଳର ପ୍ରତିଷ୍ଠାତା ତଥା ଆଧ୍ୟାତ୍ମିକବାଦୀ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ କୃଷ୍ଣଦେବ ଶାସ୍ତ୍ରୀ ମୁଖ୍ୟଅତିଥି, ଖୋର୍ଦ୍ଧା ଜିଲ୍ଲା ପାତଞ୍ଜଳୀ ଯୋଗ ସମିତିର ପ୍ରଭାରୀ ସୀତାକାନ୍ତ ପଣ୍ଡା ମୁଖ୍ୟବକ୍ତା, ଜିଲ୍ଲା ପାତଞ୍ଜଳୀ ଯୋଗ ସମିତିର ଗ୍ରାମୀଣ ପ୍ରଭାରୀ ଦୁଃଶାସନ ସ୍ୱାଇଁ, ସମାଜସେବୀ ଭିକାରୀ ଚରଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବୈଦିକ ଶିକ୍ଷା ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ସଂସ୍କାର ଆଣିବାରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସଭାର ପ୍ରାରମ୍ଭରେ ତିନିଦିନ ଧରି ଚାଲିଥିବା ଗୃହିତ ଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରାଯାଇ ସମାପନ ହୋଇଥିଲା। କାର୍ଯ୍ୟକ୍ରମକୁ ସୁରେନ୍ଦ୍ର ଶାସ୍ତ୍ରୀ ସଂଯୋଜନା କରିଥିବା ବେଳେ ଆଚାର୍ଯ୍ୟ ଧର୍ମରାଜ ଧନ୍ୟବାଦ ଅର୍ପଣ କରିଥିଲେ।




# ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)- କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି । ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ,ଟାଉନ ଫରେଷ୍ଟର ଭୂପତି ସେଠୀ,ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ । ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା । ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଲଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି । ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ । ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି । ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ । ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି । ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ,ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି । ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି,ପଥର,ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି । ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି ।

# ମଧୁଶାସନ ଗ୍ରାମର ଶ୍ରୀଦଧିବାବନଜୀଉଙ୍କ ସ୍ଥାବର,ଅସ୍ଥାବର ସମ୍ପତ୍ତି ହଡପ ଓ ଅର୍ଥ ଆତ୍ମସାତ ଅଭିଯୋଗ

କେନ୍ଦ୍ରାପଡା, (ପିଏନ)- ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ମଧୁଶାସନ ଗ୍ରାମର ଅଧିଷ୍ଠାତା ଶ୍ରୀ ଦଧିବାବନଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ହଡପ କରାଯିବା ସହ ଅର୍ଥ ଆତ୍ମସାତ କରାଯାଇଥିବା ମଧୁଶାସନ ଗ୍ରାମପଂଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ମଧୁଶାସନ ଗ୍ରାମର ଦୁର୍ଗା ପ୍ରସାଦ ଦାସ ନାମକ ଜନୈକ ବ୍ୟକ୍ତି ଚଂଚକତା କରି ଦେବୋତ୍ତର ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତକରି ମଧୁଶାସନ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟବୋର୍ଡ ଗଠନ କରି ନିଜେ ସେହି ବୋର୍ଡର ସଭାପତି ଭାବେ ପ୍ରାୟ ବର୍ଷକରୁ ଉର୍ଦ୍ଧ୍ୱ ହେବ ରହିଛନ୍ତି । ସେ ଶ୍ରୀଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିଜେ ଓ ନିଜର କିଛି ଅନ୍ଧ ସମର୍ଥକଙ୍କ ସହାୟତାରେ ହଡପ କରିବା ସହିତ ଶ୍ରୀଜୀଉଙ୍କ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି । ଶ୍ରୀଜୀଉଙ୍କ ପାଇଁ ବିଭିନ୍ନ ସମୟରେ ଦାତାମାନେ ଦାନ କରୁଥିବା ଅର୍ଥକୁ ମଧ୍ୟ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି । ଏପରିକି ଶ୍ରୀଜୀଉଙ୍କ ନାମରେ ଥିବା ସମ୍ପତି ମଧୁଶାସନ ମୌଜାର ଖାତା ନମ୍ବର - ୪୨୨,ପ୍ଲଟ ନମ୍ବର ୩୫୮୩ ଉପରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ୩ଟିକୁ ରାତାରାତି କାଟି ବିକ୍ରୀ କରିବା ସହ ଖାତା ନମ୍ବର ୧୨୯୯,ପ୍ଲଟ ନମ୍ବର ୫୩୧୫ ଓ ୫୩୧୬/୫୫୯୨ ଉପରୁ ବହୁ ଦିନର ମୂଲ୍ୟବାନ ୧୦ଟି ତାଳଗଛକୁ କାଟି ବିକ୍ରୀ କରିଦେଇଥିବା ଅଭିଯୋଗ ହୋଇଛି । ସେହି ଗଛ ସବୁର ମୂଲ୍ୟ ଆନୁମାନିକ ପ୍ରାୟ ଏକଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଅଭିଯୋଗକାରୀମାନେ ଏସମ୍ପର୍କରେ ଟ୍ରଷ୍ଟର ସଭାପତି ଶ୍ରୀ ଦାସଙ୍କୁ ପଚାରିବାରେ ଶ୍ରୀ ଦାସ ସେମାନଙ୍କୁ ଗୁଣ୍ଡା ଲଗାଇ ଧମକଚମକ ଦେବା ସହ ଜୀବନରୁ ମାରିଦେବାକୁ ଧମକପୂର୍ଣ୍ଣ ବାଣୀ ଶୁଣାଇଥିବା ଅଭିଯୋଗ ହୋଇଛି । ଏଥିସହିତ କେତେକ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ମିଛ କହି ଅଭିଯୋଗକାରୀମାନଙ୍କ ନାମରେ ଥାନାରେ ମିଥ୍ୟା ମାମଲା କରିବା ସହ ବିଭିନ୍ନ ମିଥ୍ୟା କେଶକରି ନାନା ପ୍ରକାର ଅସୁବିଧାରେ ପକାଉଥିବା ମଧ୍ୟ ଅଭିଯୋଗ ହୋଇଛି । ସେହି ଟ୍ରଷ୍ଟବୋର୍ଡରେ ଗରଦପୁର ତହସିଲଦାର ଓ ପାଟକୁରା ଥାନାର ଭାରପ୍ରାପ୍ତ ଇନିସପେକ୍ଟରଙ୍କୁ ସଦସ୍ୟ ଭାବରେ ରଖାଯାଇଥିବା ବେଳେ ଅଭିଯୋଗକାରୀଙ୍କ ପରିବାରର ୨/୩ଜଣଙ୍କ ନାମରେ ମିଥ୍ୟା ମାମଲା କରାଯାଉଥିବା ସହ ସେହି ପରିବାରର ମହିଳାମାନଙ୍କ ପ୍ରତି ଅସଦାଚରଣ କରିବାକୁ ମଧ୍ୟ ଟ୍ରଷ୍ଟର ସଭାପତି ପଛାଉନଥିବା ଅଭିଯୋଗ ହୋଇଛି । ସଂପୃକ୍ତ ସଭାପତି ଭୁବନେଶ୍ୱରରେ ରହୁଥିବା ବେଳେ ଗ୍ରାମର ଅଧିକାଂଶ ଲୋକଙ୍କୁ ବିଭିନ୍ନ ମାଲିମକଦ୍ଦମାରେ ଛନ୍ଦି ହଇରାଣ କରିବା ସହ ଶ୍ରୀଜୀଉଙ୍କ ସମ୍ପତ୍ତି କୁ ହଡପ କରିବା ଓ ଅର୍ଥକୁ ଆତ୍ମସାତ କରୁଥିବା ଯୋଗୁଁ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତିରେ ଘୋର ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅସିତ କୁମାର ମହାନ୍ତି, ତାରକେଶ୍ୱର ତ୍ରିପାଠୀ,ପ୍ରମୋଦ କୁମାର ସାହୁ,ଚିତରଞ୍ଜନ ବାରିକ,ନିରଞ୍ଜନ ପଣ୍ଡା,ଭବାନିଶ ପଣ୍ଡା ପ୍ରମୁଖ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# ଖଣିରେ ସ୍ଥାନୀୟ ନିଯୁକ୍ତି ନେଇ ଶ୍ରମିକଙ୍କ ଧାରଣା





ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ବଳଦା ଗ୍ରାମପଞ୍ଚାୟତର ସିଲ୍‌ଯୋଡା ସ୍ଥିତ କାସଭି ଇନ୍‌ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ ଖଣିରେ ବିଭିନ୍ନ ଦାବି କରି ଗ୍ରାମବାସୀ ମାନେ ମଙ୍ଗଳବାର ପୂର୍ବାହ୍ନ ରେ ଖଣି ଲିଜ ପରିସରରେ ଧାରଣା ଦେଇଥିବା ଜଣାପଡିଛି । ବିର୍ସାମୁଣ୍ଡା ଲେବର କନ୍‌ଟ୍ରାକ୍ଟ ଓ ଆଦିବାସୀ କଲ୍ୟାଣ ସମିତି ପକ୍ଷରୁ ଏହି ଧାରଣା ଦିଆଯାଇଥିବା ଖବର ମିଳିଛି । ପ୍ରଶାସନକୁ ଜଣାଇ କୋଭିଡ୍ ନିୟମକୁ ପାଳନ କରି ଖଣି ପ୍ରଭାବିତ ସିଲଯୋଡା, ଗୁରୁଡା, ତାଟପାଣି ପ୍ରଭୃତି ଗ୍ରାମର ଗ୍ରାମବାସୀ ମାନେ ବିଭିନ୍ନ ଦାବି କରି କାସଭି ଖଣି ପରିସରରେ ଧାରଣାରେ ବସିଛନ୍ତି । ପୂର୍ବରୁ ଏହି ଖଣିଟି ମାଙ୍ଗିଲାଲ ରୁଙ୍ଗଟାର ସିଲିଯୋଡା କାଳିମାଟି ଅଧୀନରେ ଥିଲା । ନିଲାମ ପ୍ରକ୍ରିୟାରେ ଅଧିକ ମୂଲ୍ୟ ଦେଇ କାସଭି ଇନଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ ଖଣି ହାତେଇବା ପରେ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇନଥିବାରୁ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଯୋଗ୍ୟତା ଥାଇ ମଧ ସ୍ଥାନୀୟ ଲୋକଙ୍କୁ ସାମାନ୍ୟ ସୁରକ୍ଷା କର୍ମୀ ଚାକିରୀ ମଧ ଦିଆଯାଉନାହିଁ । ଏହି ଖଣିରେ ନିଯୁକ୍ତିକୁ କେନ୍ଦ୍ର କରି ଗତ ସେପ୍ଟେମ୍ବର ମାସ ୨୫ ତାରିଖରେ ଏକ ହିଂସାତ୍ମକ ଆକ୍ରମଣ ଘଟଣା ଘଟିଥିଲା । ଖଣିର ଖଣି ସପକ୍ଷ ବାଦୀ ମାନେ ଏହି ଆକ୍ରମଣ ଭିଆଇଥିବା ଗ୍ରାମବାସୀ ସୁଶାନ୍ତ ଖିଲାର, ସୁବିଦାର ଗାଗରାଇ, ଯୋସେ' ବେଙ୍ଗରା, ବିକାଶ ମହାକୁଡ ପ୍ରମୁଖ ଅଭିଯୋଗ କରିଛନ୍ତି । ସ୍ଥାନୀୟ ମହିଳା ମିନା କୁମାରୀ ସିଂ, ମୁସକୁନି ସଏ, ସରସ୍ୱତୀ ପିଙ୍ଗୁଆ, ସୁମିତ୍ରା ଗଇପାଇ, ସଙ୍ଗିତା ପିଙ୍ଗୁଆ, ଚାମାନୁ ଲାକ୍ରା, ଡାଳିମ୍ବ ଗାଗରାଇ, ରିଙ୍ଗି ହେମ୍ବ୍ରମ ପ୍ରମୁଖ ଲୁହ ଓ କୋହଭରା କଣ୍ଠରେ କହିଛନ୍ତି ଯେ ଦୀର୍ଘ ୬ ରୁ ୭ ମାସ ହେଲାଣି ଖଣିରେ ନିଯୁକ୍ତି ନପାଇ ଭୋକ ଉପାସରେ ଦିନ କାଟୁଛନ୍ତି । ସ୍ଥାନୀୟ କାସଭି ଖଣି କମ୍ପାନୀ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଦେଉନଥିବାରୁ ବେରୋଜଗାର ନିରାଶ ହୋଇ ଘରେ ରହିଛନ୍ତି । ଖଣିରେ କାର୍ଯ୍ୟ କରି ଜିବୀକା ନିର୍ବାହ କରୁଥିବାରୁ ବର୍ତ୍ତମାନ କାର୍ଯ୍ୟହରା ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି । ଗ୍ରାମର ନରେନ୍ଦ୍ର କୁମାର ପାତ୍ର ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ସିଲଯୋଡା-କାଳିମାଟି ମାଙ୍ଗାନିଜ୍ ଆଇରନ୍ ମାଇନ୍ସ ଦୁଇଟି ଗ୍ରାମପଞ୍ଚାୟତ ନାମରେ ହୋଇଅଛି । ହେଲେ ଏହି ଦୁଇଟି ପଞ୍ଚାୟତ ବାସୀଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରୁନାହିଁ । ଆଦିବାସୀ କଲ୍ୟାଣ ସମିତିର ସଭାପତି ବିଦ୍ୟାସାଗର ରଣା, ସମ୍ପାଦକ ଭିମ ପିଙ୍ଗୁଆ କହିଛନ୍ତି ଯେ ଜିଲ୍ଲାପାଳ ଓ ଏସ୍‌ପି ଙ୍କ ଠାରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି । ଜଙ୍ଗଲ ନେଲ, ଜମି ନେଲ, ପାଣି ନେଲ, ଆଦିବାସୀଙ୍କର ମୌଳିକ ସୁବିଧାରୁ କାସଭି ଖଣି କମ୍ପାନି ବଞ୍ଚିତ କଲ ଯଦି ଦମ୍ ନାହିଁ ତେବେ ସରକାରଙ୍କ ଠାରୁ ଖଣି ନେଲ କାହିଁକି ବୋଲି ଆଦିବାସୀ ନେତା ସେଲେଇ ତିରିଆ ପ୍ରକାଶ କରିଥିଲେ । ସେଠାରେ ଉପସ୍ଥିତ ଥିବା ଆଦିବାସୀ ଶ୍ରମିକ ନେତା ମାନେ କହିଥିଲେ ଯେ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ।

# ପାରାଦୀପ ବନ୍ଦର ପକ୍ଷରୁ ମିଳିତ ମେଗା ମକ୍ ଡ୍ରିଲ୍

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ମିଳିତ ମେଗା ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି । ପାରାଦୀପ ବନ୍ଦର ସିଆଇଏସଏଫ୍ ପକ୍ଷରୁ ପାରାଦୀପ ମୁଖ୍ୟ ଅଗ୍ନି ନିର୍ବାପନ କେନ୍ଦ୍ରଠାରେ ଆୟୋଜିତ ମକ୍ ଡ୍ରିଲ୍‌ରେ ପାରାଦୀପ ବନ୍ଦର ସମେତ ଜିଲ୍ଲା ପ୍ରଶାସନ, ଏନଡିଆରଏଫ୍ ମୁଣ୍ଡୁଳିର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ଏହି ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ, ସମ୍ମାନୀତ ଅତିଥି ଭାବେ ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା ଏହି ସାଇଟ୍ ଲେଭଲ-୩ରେ ଯୋଗ ଦେଇଥିଲେ । ମେରାଇନ୍ ସାଇଟ୍ ଅଫିସ୍‌ରେ ଏକ ଭଙ୍ଗା ଗୃହ ମଧ୍ୟରୁ ବାତ୍ୟାରେ ଫସି ରହିଥିବା ବ୍ୟକ୍ତିଙ୍କୁ କିପରି ଉଦ୍ଧାର କରାଯାଇ ପାରିବ ତାହାର ନମୁନା ପ୍ରଦର୍ଶିତ ହୋଇଥିଲା । ଏହା ପରେ ରୋଷେଇ ଗ୍ୟାସ ଦୁର୍ଘଟଣାରୁ କିପରି ପ୍ରଶମନ କରାଯାଇ ପାରିବ ସେ ସମ୍ପର୍କରେ ମକ୍ ଡ୍ରିଲ୍ ପ୍ରଦର୍ଶନ କରାଯାଇଥିଲା । ପାରାଦୀପ ବନ୍ଦର ସମେତ ସହଯୋଗୀ ସଂସ୍ଥାର ଅଗ୍ନି ନିର୍ବାପନ କେନ୍ଦ୍ରର କର୍ମଚାରୀମାନେ ଏହି ମକ୍ ଡ୍ରିଲ୍‌ରେ ସାମିଲ ହୋଇଥିଲେ । ଏନଡିଆରଏଫ୍ ୩ୟ ବାଟାଲିୟାନ ମୁଣ୍ଡୁଳିର ଆସିଷ୍ଟାଣ୍ଟ କମାଣ୍ଡର ଗୌରବ ଜଗନାନୀ ମଲ୍ ଡ୍ରିଲ୍ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ଶେଷରେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ସମସ୍ତ ସହଯୋଗୀ ସଂସ୍ଥାମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଅଜଣା ଗାଡି ଧକ୍କାରେ ଜଣେ ମୃତ, ୨ ଗୁରୁତର

ହରିଚନ୍ଦନପୁର(ପିଏନ)- ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମୃତ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ଜଣେ ସାମାନ୍ୟ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା କାଳିଆପାଣି ଗ୍ରାମର ସୁଦର୍ଶନ ମହାକୁଡ(୩୮) ସ୍ତ୍ରୀ ଓ ୨ପିଲାଙ୍କ ସହ ମୟୁରଭଞ୍ଜ ଜିଲ୍ଲା ଶ୍ୱଶୁର ଘରକୁ ବୁଲିବାକୁ ଆସିଥିଲେ । ଆଜି ନିଜ ଗ୍ରାମ କାଳିଆପାଣିକୁ ଫେରୁଥିବା ବେଳେ ହରିଚନ୍ଦନପୁର ଥାନା ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସୁଦର୍ଶନ ମହାକୁଡଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ସ୍ତ୍ରୀ ରାଇମଣି ମହାକୁଡ (୩୬), ସାନପୁଅ ଚିନ୍ମୟ (୬) ଗୁରୁତର ଆହତ ହୋଇଥିବା ବେଳେ ବଡପୁଅ ରାହୁଲ (୮) ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା

# ଦରଡିପାଳରେ ଶତାୟୁ ମହିଳାଙ୍କ ପରଲୋକ

ଘଷିପୁରା(ପିଏନ)- ଘଷିପୁରା ବ୍ଲକ ଦରଡିପାଳ ଗ୍ରାମରେ ସ୍ୱର୍ଗତ ନରସିହଂ ନାୟକଙ୍କ ଧର୍ମପତ୍ନୀ କ୍ଷେତ୍ରମଣୀ ନାୟକଙ୍କ ଆଜି ୧୦୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁଅ ଆନନ୍ଦ ଚନ୍ଦ୍ର ନାୟକ ଅବସରପ୍ରାପ୍ତ କୃଷି ପରିଦର୍ଶକ ଏବଂ ଦିବାକର ନାୟକ ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜରଙ୍କ ସହିତ ସମସ୍ତ ନାତି ନାତୁଣୀ, ଅଣନାତି, ଅଣନାତୁଣୀ ଏବଂ ସାହିପଡିଶା ଉପସ୍ଥିତ ଥିବା ସହ ତାଙ୍କର ଶବ ସତ୍କାର କରାଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ ।

# ଯୋଡା ପୌରାଞ୍ଚଳରେ ସେପ୍ଟେଜ ବିଶୋଧନାଗାରର ଭିତ୍ତିପ୍ରସ୍ତର ସ୍ଥାପନ




ଯୋଡା(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରାଞ୍ଚଳର ୬ନଂ ୱାର୍ଡ ବାଚୁହାଟିଂ ଠାରେ ପୌରପାଳିକା ପକ୍ଷରୁ ୨୦କେଏଲଡି କ୍ଷମତା ବିଶିଷ୍ଟ ଏକ ସେପ୍ଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଟ୍ରିଟମେଣ୍ଟ ପ୍ଲାଣ୍ଟ ଯୋଡା ସହରର ସମସ୍ତ ଘରର ସେଫ୍ଟି ଟ୍ୟାଙ୍କରୁ ନିଷ୍କାସିତ ମଇଳାକୁ ବିଶୋଧନ କରାଯାଇ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ସୃଷ୍ଟି କରିବା ନିମନ୍ତେ ପୌରପାଳିକା ପକ୍ଷରୁ ଏହା କରାଯାଇଛି । ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ,ରାଜ୍ୟ ଜଳଯୋଗାଣ ବିଭାଗ ଏବଂ ସ୍ୱରେଜ ବୋର୍ଡ ଆନୁକୂଲ୍ୟରେ ଓଡିଶା କନଷ୍ଟ୍ରକସନ କମ୍ପାନୀ (ଓସିସି)କୁ ଟେଣ୍ଡର ମାଧ୍ୟମରେ ୨ କୋଟି ୬୪ ଲକ୍ଷ ୧୭ ହଜାର ଟଙ୍କା ବ୍ୟୟ ଅଟକଳରେ ୧୧ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ପ୍ରକଳ୍ପ ହେବା ଦ୍ୱାରା ପୌରାଞ୍ଚଳର ସମସ୍ତ ୱାର୍ଡରେ ସେଫ୍ଟି ଟାଙ୍କିର ମଇଳା ବିଶୋଧନ ହେବା ସହିତ ମାନ୍ୟବର ସର୍ବୋଚ୍ଚ ଅଦାଲତ ଓ ଜାତୀୟ ସବୁଜ ଟ୍ରିବ୍ୟୁନାଲଙ୍କ ଆଦେଶ ପାଳନ ହୋଇପାରିବ ବୋଲି ଯୋଡା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ ପ୍ରକାଶ କରିଥିଲେ । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଡା ପୌରପାଳିକାର ସମସ୍ତ ଅଧିକାରୀ,କର୍ମଚାରୀ,ସ୍ୱଚ୍ଛସାଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୂମିହୀନଙ୍କୁ ଜାଗା ପ୍ରମାଣ ପତ୍ର ପ୍ରଦାନ



ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାରେ ଜାଗାମିଶନ ଯୋଜନାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଓଡିଶା ସରକାରଙ୍କ ଜାଗା ମିଶନ୍ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ହିତାଧିକାରୀ ମାନଙ୍କୁ ଏହି ଅବସରରେ ଜମି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ପୂର୍ବତନ ଉପ-ନଗରପାଳ ସୁରେନ୍ଦ୍ରନାଥ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଯୋଡା ପୌରପାଳିକାର ୧୪ଟି ୱାର୍ଡରେ ସମୁଦାୟ ୬୨୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ମଙ୍ଗଳବାର ଦିନ ତନ୍ମଧ୍ୟରୁ ବନେଇକଳା ଠାରେ ୧୭୫ ଜଣଙ୍କୁ ଭୂମିହୀନଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ ପାଟ୍ଟଯୋଶୀ ସୂଚନା ଦେଇଛନ୍ତି । ଏହି ଜମି ଗୁଡିକ ୩୨୩ ବର୍ଗ'ଫୁଟରୁ ସର୍ବାଧିକ ୪୮୦ ବର୍ଗଫୁଟ ମଧ୍ୟରେ ଯୋଗାଇ ଦିଆଯିବ । ପରେ ଜାଗା ପ୍ରମାଣ ପତ୍ର ଦେବା ପରେ ଭୂମି ଅଧିକାର ପତ୍ର ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇ ଦେବାର ସରକାରୀ ଯୋଜନା ରହିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ ।

# ଡମ୍ପର ମାଲିକଙ୍କ ଧାରଣା : ଉପଯୁକ୍ତ ସମାଧାନ ନକରିଲେ ଆଗାମୀ ଦିନରେ ବିକଳ୍ପ ପନ୍ଥାର ଚେତାବନୀ



ଯୋଡା,(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅଧୀନ ହେଁସାବେଡା ସ୍ଥିତ କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ଖଣି କମ୍ପାନୀ ଟ୍ରକ ମାଲିକ ସଂଘର ଦାବିକୁ ଉପେକ୍ଷା କରି ନିଜର ଖଣିକାର୍ଯ୍ୟ ଜାରି ରଖିଛି । ଖଣି ଲିଜ୍ ପରିସରରେ କାର୍ଯ୍ୟହରା ଡମ୍ପର ମାଲିକ ମାନେ ଖଣିର ପରିବହନ କାର୍ଯ୍ୟରେ ଡମ୍ପର ନିୟୋଜିତ କରିବା ଦାବିରେ ଦୀର୍ଘ ୫ ଦିନ ଧରି ଧାରଣାରେ ବସିଥିଲେ ହେଁ ଖଣି କର୍ତ୍ତୃପକ୍ଷନଦେଖିଲା ଭଳି ଉପେକ୍ଷା କରିଚାଲିଛି । ନୂତନ ଲିଜ ପାଇଥିବା କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ନିଜର ଖଣିଜ ପରିବହନ ପାଇଁ ବାହାର ଅଞ୍ଚଳର ଭାରୀଯାନ ଆଣି ପରିବହନ କରୁଥିବା ବେଳେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନ କାର୍ଯ୍ୟ ଦେଉନାହିଁ । ଏନେଇ ସଂଘ ପକ୍ଷରୁ ଖଣି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଲିଖିତ ଭାବରେ ଦୃଷ୍ଟି ଆକର୍ଷଣ କରି କୌଣସି ସୁଫଳ ନପାଇବାରୁ ଗତ ୫ ତାରିଖରୁ ଧାରଣା ଆରମ୍ଭ କରିଥିଲେ । ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ସଂଘ ସ୍ଥାନୀୟ ଖଣି ପ୍ରଭାବିତ ଅଞ୍ଚଳର ଡମ୍ପର ମାଲିକ ମାନଙ୍କୁ ନେଇ କାର୍ଯ୍ୟ କରି ଆସୁଅଛି । ପୂର୍ବରୁ କାର୍ଯ୍ୟ କରୁଥିବା ଖଣି ଲିଜଧାରୀ ମାନେ ନିଜର ପରିବହନ କାର୍ଯ୍ୟ ପାଇଁ ସଂଘରୁ ଡମ୍ପର ନେଇ ପରିବହନ କରୁଥିଲେ । ଯାହାଫଳରେ ପରୋକ୍ଷ ଏବଂ ପ୍ରତ୍ୟେକ୍ଷ ଭାବରେ ହଜାର ହଜାର ଲୋକ ଜିବୀକା ନିର୍ବାହ କରି ପାରୁଥିଲେ । ଉକ୍ତ ଖଣିର ପୂର୍ବ ଲିଜଧାରୀ ପଟ୍ଟନାୟକ ମିନେରାଲସ ପ୍ରାଇଭେଟ ଲିମିଟେଡ ଖଣିଜ ପରିବହନରେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନରେ ନିୟୋଜିତ କରୁଥିଲେ । ମାତ୍ର ବର୍ତ୍ତମାନ ନୂତନଲିଜଧାରୀ କାସଭି ଖଣି ସଂଘକୁ ହେୟଜ୍ଞାନ କରି ବାହାର ଅଞ୍ଚଳର ଶତାଧିକ ଭାରୀଯାନ ଆଣି ପରିବହନ କାର୍ଯ୍ୟ କରୁଛି । ଯାହାଫଳରେ ଅଞ୍ଚଳର ଖଣି ପ୍ରଭାବିତ ଗାଡି ମାଲିକ ମାନେ ଜିବୀକା ହରାଇ ହତାଶ ହୋଇପଡିଛନ୍ତି ବୋଲି ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନର ସଭାପତି ଚତୁର୍ଭୁଜ ପଲେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ବାରମ୍ବାର ଖଣି କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ମଧ କେହି କର୍ଣ୍ଣପାତ କରୁନାହାଁନ୍ତି । ଡମ୍ପର ମାଲିକ ମାନେ କାର୍ଯ୍ୟ ନପାଇ ବସି ରହିଛନ୍ତି । ସେମାନଙ୍କର ପରିବାର ପ୍ରତିପୋଷଣ କରିବା ମଧ କଷ୍ଟସାଧ ହେଲାଣି । କରୋନା ମହାମାରୀ ପରିସ୍ଥିତିରେ କୌଣସି କାର୍ଯ୍ୟ ନପାଇ ଡମ୍ପରରେ କାର୍ଯ୍ୟ କରୁଥିବା ଡ୍ରାଇଭର,ହେଲପର ଓ ସେମାନଙ୍କର ପରିବାର ବର୍ତ୍ତମାନ ଆର୍ଥିକ ସଂକଟରେ ଶିକାର ହେଲେଣି । ପରିବହନ କାର୍ଯ୍ୟ ହେତୁ ଅଞ୍ଚଳରେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷରେ ନିର୍ଭରଶୀଳ ଥିବା ପ୍ରାୟ ଶତକଡା ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଲେଣି । କୋଭିଡ-୧୯ ଗାଇଡ ଲାଇନ ରହିଥିବା ସତ୍ତ୍ୱେ ମଧ ଗାଡି ମାଲିକମାନେ ଏହି ନିୟମକୁ ପାଳନ କରି ଧାରଣାରେ ବସିଛନ୍ତି । ହେଲେ ଖଣି କର୍ତ୍ତୃପକ୍ଷ ୫ଦିନ ବିତିଯାଇଥିଲେ ହେଁ ଦାବି ପୂରଣ ନେଇ କୌଣସି ଆଲୋଚନା କରିବାକୁ ଆସିନଥିବା ବୋଲି ମାଟୋଆ ସମ୍ପାଦକ ସତ୍ୟପ୍ରିୟ ବାରିକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଯଦି ଖଣି କର୍ତ୍ତୃପକ୍ଷ ଏହାର ଉପଯୁକ୍ତ ସମାଧାନ ନକରନ୍ତି ତାହା ହେଲେ ଆଗାମୀ ଦିନରେ ବିକଳ୍ପପନ୍ଥା ଗ୍ରହଣ କରିବାକୁ ବଧ ହେବୁ ବୋଲି ପ୍ରେସ ବିବୃତ୍ତିରେ ଜଣାଇଛନ୍ତି । ତେଣେ କାସଭି ଖଣିର ଜନୈକ ବରିଷ୍ଠ ଅଧିକାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ କାସଭି ଖଣି ନିକଟସ୍ଥ ଜୁରୁଡି ଠାରେ ଥିବା ଜୁରୁଡି ଟ୍ରକ ମାଲିକ ମାନଙ୍କ ସହ ସେମାନେ ଆଲୋଚନା କରି ହାଇୱା ଟ୍ରକ ମାଧ୍ୟମରେ ଖଣିଜ ପରିବହନ କାର୍ଯ୍ୟ କରୁଛନ୍ତି । ଏନେଇ ଯୋଡା ଠାରେ ଥିବା ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନ ସହ କୌଣସି ଆଲୋଚନା କରିବା ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ ।




# ବିଜେପିର ଜିଲ୍ଲା ସ୍ତରୀୟ ସଂଗଠନ ପର୍ବ କର୍ମଶାଳା ଅନୁଷ୍ଠିତ

ଜଗତସିଂହପୁର,(ପି ଏନ): ଜଗତସିଂହପୁରସଦର ସ୍ଥିତ ଆଦିକବି ଶାରଳା ଦାସ ସଂସ୍କୃତି ଭବନ ପରିସରରେ ବିଜେପି ପକ୍ଷରୁ ଜିଲ୍ଲା ସ୍ତରୀୟ ସଂଗଠନ ପର୍ବ କର୍ମଶାଳା ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି, ଜିଲ୍ଲା ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶଙ୍କ ସଂଯୋଜନା ରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ବିଜେପି ନିର୍ବାଚନ ରିଟର୍ଣ୍ଣିଙ୍ଗ ଅଫିସର ଡ଼ ଯତୀନ ମହାନ୍ତି ଓ ଜିଲ୍ଲା ଇଲେକ୍ସନ ରିଟର୍ଣ୍ଣିଙ୍ଗ ଅଫିସର ବିଷ୍ଣୁ ଦାସ ଯୋଗ ଦେଇଥିଲେ କ୍ଷ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ,ଜିଲ୍ଲା ରେ ମିସ କଲ୍ କରି ସଦସ୍ୟତା କରିଥିବା ୬୧୫ ଜଣ ସକ୍ରିୟ କାର୍ଯ୍ୟକର୍ତ୍ତା ଙ୍କ ନାମ ଆସନ୍ତା କାଲି ଜିଲ୍ଲା କ୍ଷରେ ଘୋଷଣା କରାଯିବ କ୍ଷ ଚ଼ଳିତ ମାସ ୧୫ ହେଉଛି ସଦସ୍ୟତା ସଂଗ୍ରହ କରିବା ଶେଷ ତାରିଖ, ନିର୍ବାଚ଼ନ ପକ୍ରିୟା ଆରମ୍ଭରେ ଚ଼ଳିତ ମାସ ୧୧ ତାରିଖ ଠାରୁ ୩୦ ତାରିଖ ମଧ୍ୟରେ ରେ ଜିଲ୍ଲାର ସମସ୍ତ ୧୦୪୭ ବୁଥରେ ବୁଥ କମିଟି ଗଠନ କରାଯିବ, ପରେ ପରେ ମଣ୍ଡଳ, ଜିଲ୍ଲା ଓ ରାଜ୍ୟ କମିଟି ଗଠନ କରାଯିବ, ଶେଷରେ ରାଷ୍ଟ୍ରୀୟ କମିଟି ଗଠନ ହେଲା ପରେ ଦଳର ସାଙ୍ଗଠନ ପର୍ବ ଶେଷ ହେବ ବୋଲି ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ, ଜିଲ୍ଲା ସଦସ୍ୟତା ପ୍ରମୁଖ ଗଣେଶ ପ୍ରସାଦ ମହାନ୍ତି ଜିଲ୍ଲା ରେ ବର୍ତ୍ତମାନ ସୁଦ୍ଧା ଏକ ଲକ୍ଷ୍ୟ ୩୩ ହଜାର ପ୍ରାଥମିକ ସଦସ୍ୟ ନିର୍ମାଣ ହୋଇ ସାରିଛି, ଆଗାମୀ ୧୧ ଦିନ ଭିତରେ ଏହା ଦୁଇ ଲକ୍ଷ୍ୟ ରେ ପହଞ୍ଚିବ , ଜିଲ୍ଲା ସକ୍ରିୟ ସଦସ୍ୟତା ପ୍ରମୁଖ ସୌଭାଗ୍ୟ ମହାନ୍ତି, ତିର୍ତୋଲ ନେତା ରାଜକିଶୋର ବେହେରା, ବାଲିକୁଦା ଏରସମା ନେତା ସତ୍ୟ ସାରଥି ମହାନ୍ତି, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ପ୍ରତାପ ମିଶ୍ର, ଉପେନ୍ଦ୍ର ବିଶ୍ୱାଳ ଓ ସଞ୍ଜୟ ମହାନ୍ତି ପ୍ରଭୃତି ବକ୍ତବ୍ୟ ରଖି ଥିଲେ, ଅନ୍ୟ ମାନଙ୍କ ମଧ୍ୟରେ ମହିଳା ମୋର୍ଚ୍ଚା ସଭାନେତ୍ରୀ କ୍ରିଷ୍ଣା ମହାନ୍ତି, ଓବିଶି ମୋର୍ଚ୍ଚା ସଭାପତି ସୁବୋଧ ବାରିକ, ଏସି ମୋର୍ଚ୍ଚା ସଭାପତି ବାମଦେବ ମଲ୍ଲିକ, ଜିଲ୍ଲାର ବରିଷ୍ଠ କାର୍ଯ୍ୟ କର୍ତ୍ତା , ସମସ୍ତ ମଣ୍ଡଳ ସଭାପତି ଓ ସାଧାରଣ ସମ୍ପାଦକ,ପ୍ରମୁଖ ଓ ସକ୍ରିୟ ସଦସ୍ୟ ଉପସ୍ଥିତ ଥିଲେ କ୍ଷ, ଶେଷରେ ଜିଲ୍ଲା ଉପସଭାପତି ମୋହିତ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।

# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା ।


CSB Bank

**PUBLIC NOTICE ON AUCTION OF PLEDGED GOLD ORNAMENTS**

The borrowers in specific and interested bidders, in general, are hereby informed that on account of non-repayment of the Bank's dues by the borrowers as and/or despite the payment notice and recall/auction notice issued by the Bank,the gold ornaments pledged with the bank as security by the respective borrowers for the loans availed by them will be sold in public auction on "as is where is" and "non-recourse" basis through e-auction portal http://csbgold.auctiontiger.net on 11th November 2024 at 10.30 AM. The auction may be adjourned to any other later date at the discretion of the bank upon publication of the same in the Bank's notice board. The borrowers are hereby further informed that the gold ornaments will be disposed of by private sale if the public auction is not successful and if there is a further balance to be recovered thereafter, legal action will be initiated against the borrower/s for recovery of the balance amounts due to the Bank. In case of deceased borrower, all conditions will be applicable to legal heirs.

| S. No | Account Name | Client ID | No. of Acc. | Bal. Outstanding as on 01.11.2024 | Weight (Grams) |
|---|---|---|---|---|---|
| BHUBANESWAR | | | | | |
| 1 | BHIKARI CHARAN PANDA | 7531987 | 1 | 756091.5 | 146.72 |
| 2 | BIJAY KUMAR PARIDA | 3047350 | 1 | 27239.53 | 7.64 |
| 3 | DASARATHI PALAI | 7260003 | 1 | 92796.36 | 23 |
| 4 | MANOJ KUMAR TRIPATHY | 3439679 | 2 | 295018.41 | 66.2 |
| 5 | PRADIP KUMAR BHUYAN | 4049318 | 2 | 298788.01 | 65.5 |
| 6 | PRAFULLA KUMAR SWAIN | 2789823 | 1 | 16291.12 | 32 |
| 7 | PREMALATA MAHAKUDA | 4539250 | 2 | 200448.42 | 44.4 |
| 8 | RAJKISHORE SAHU | 7843828 | 1 | 25696.43 | 4.9 |
| 9 | SUBRAT KUMAR NAYAK | 4652745 | 1 | 96690.17 | 20.35 |

For more details/account wise information borrowers/interested bidders may contact respective branches and for participating in the auction, please visit/login to the e-auction portal http://csbgold.auctiontiger.net

Authorised Officer
CSB Bank

ODISHA | 05 NOVEMBER 2024


# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ବରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

# ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ୍ୟ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।




**2024-2025**

**ADMISSION OPEN**

**Maharishi Public School, Baripada**

**STD-NURSERY TO VIII**

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
ପର୍ଯ୍ୟବେକ୍ଷକ
Bhubaneswar Tuesday November 05 ଭୁବନେଶ୍ୱର ମଙ୍ଗଳବାର, ନଭେମ୍ବର ୦୫,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ନାସ୍-ବି.ଡବ୍ଲ୍ୟୁ.ଆଇ. ଓ ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ମିଳିତ ଉଦ୍ୟମରେ ରାଜ୍ୟ ସ୍ତରୀୟ ଅସଂଗଠିତ ଶ୍ରମିକ ଆଲୋଚନା ଚକ୍ର



ଭୁବନେଶ୍ୱର,(ପି.ଏନ): ଆଜି ନିଖିଳ ଉତ୍କଳ ଚାଷୀ ମୂଲିଆ ସଂଘ 'ନାସ୍' ଓ ଆନ୍ତର୍ଜାତିକ ନିର୍ମାଣ ଶ୍ରମିକ ମହାସଂଘ ମିଳିତ ଉଦ୍ୟଗରେ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ମାନଙ୍କ ପାଇଁ ଦାବି ଉପସ୍ଥାପନ ସମ୍ବନ୍ଧରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଡ. ରାମଚନ୍ଦ୍ର ଖୁଂଟିଆ ଭାରତ ବର୍ଷରେ କାର୍ଯ୍ୟରତ ୫୦ କୋଟିରୁ ଉର୍ଦ୍ଧ୍ୱ ଅସଂଗଠିତ ଶ୍ରମିକମାନେ ସଂପୂର୍ଣ୍ଣ ଅବହେଳିତ। ସେମାନଙ୍କ ପାଇଁ କୌଣସି ସାମାଜିକ ସୁରକ୍ଷା ତଥା ସ୍ୱାସ୍ଥ୍ୟ ନିରାପତା ବ୍ୟବସ୍ଥା ନାହିଁ। ଅନ୍ୟପକ୍ଷରେ ସର୍ବନିମ୍ନ ରୋଜଗାର ବ୍ୟବସ୍ଥା ମଧ୍ୟ ସରକାର କରିନାହାନ୍ତି। ଯାହାଦ୍ୱାରା ସେମାନେ ଦିନକୁ ଦିଓଳି ଖାଇବା ମଧ୍ୟ କଷ୍ଟକର। ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଅସଂଗଠିତ କ୍ଷେତ୍ରର ଶ୍ରମିକ ମାନଙ୍କ ପାଇଁ କମ୍ପ୍ୟୁଟର ମାଧ୍ୟମରେ ପଞ୍ଜିକୃତ କରିବା ପାଇଁ ବ୍ୟବସ୍ଥା କରିଛନ୍ତି। କିନ୍ତୁ କୌଣସି ରାଜ୍ୟରେ ଗତ ବଜେଟରେ ଗୋଟିଏ ଟଙ୍କା ମଧ୍ୟ ସେମାନଙ୍କ ସାମାଜିକ ସୁରକ୍ଷା ପାଇଁ ବ୍ୟବସ୍ଥା କରାଯାଇନାହିଁ। ତେଣୁ ଅସଂଗଠିତ ଶ୍ରମିକ ମାନଙ୍କୁ ଏକତ୍ରିତ କରି ରାଜ୍ୟ ତଥା ଜାତୀୟ ସ୍ତରରେ ଆନ୍ଦୋଳନ କରିବା ହେଉଛି ଏକମାତ୍ର ଉପାୟ। ଏ.ଆଇ.ସି.ସି.ଟି.ୟୁର ସଭାପତି ରାଧାକାନ୍ତ ସେଠୀ ତାଙ୍କ ବକ୍ତବ୍ୟରେ ସରକାରଙ୍କ ଦ୍ୱାରା ମାଳମାଳ ଯୋଜନା ହେଇଛି ସିନା କିନ୍ତୁ କୌଣସି ଯୋଜନାରୁ ଶ୍ରମିକମାନେ କାଣିଚାଏ ପାଇପାରୁନାହାନ୍ତି। ଆମ ସରକାର କେବଳ କର୍ପୋରେଟ୍ ମାଫିଆ ମାନଙ୍କ ପାଇଁ କାର୍ଯ୍ୟ କରୁଛନ୍ତି। ନିକଟରେ ଓଡ଼ିଶା ସରକାର ବକ୍ସାଇଟ୍ ଖଣି ନିଲାମ ପ୍ରକ୍ରିୟାରେ ବାସ୍ତବ ମୂଲ୍ୟ ୮୦୦୦ ଟଙ୍କାକୁ ମାତ୍ର ୪୬୫ ଟଙ୍କାରେ ବିକ୍ରି କରିଛନ୍ତି। ଆମ ରାଜ୍ୟର ଶ୍ରମିକମାନେ ସରକାରଙ୍କ ସହାୟତା ଦ୍ୱାରା ପ୍ରଚଳିତ ସମସ୍ତ ଯୋଜନାକୁ କେବଳ ହାତ ପତେଇ ଭିକ ମାଗିଲା ଭଳି ଆଣୁଛନ୍ତି। ଏହା ଶ୍ରମିକମାନଙ୍କର ମୌଳିକ ଅଧିକାରକୁ କୋଠାରଘାତ କରୁଛନ୍ତି। ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସାଧାରଣ ସମ୍ପାଦକ କିଶୋର ଜେନା ତାଙ୍କ ଅଭିଭାଷଣରେ ପ୍ରତ୍ୟେକ ନାଗରିକର ସମ୍ମାନ ସହ ବଞ୍ଚିବାର ଅଧିକାର ଅଛି ବୋଲି ସମ୍ବିଧାନରେ ଉଲ୍ଲେଖ ଅଛି କିନ୍ତୁ ଆମ ସରକାର ସମ୍ବିଧାନର ତଂଟି ଚିପି ନାଗରିକ ମାନଙ୍କୁ ମୌଳିକ ଅଧିକାର ଦେବା କଥା ତା' ବଦଳରେ ବିଭିନ୍ନ ଯୋଜନା ମାଧ୍ୟମରେ କଣ୍ଠୋରୋଧ କରୁଛନ୍ତି। ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଉପସଭାପତି ମଦନ ମୋହନ ଧଳ ତାଙ୍କ ଅଭିଭାଷଣରେ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାକୁ ଭିତିହୀନ ବୋଲି ପ୍ରକାଶ କରି କହିଲେ ଯେ, ବି.ଏସ୍.କେ.ୱାଇ ବା ଆୟୁଷ୍ମାନ ଭାରତ ଯୋଜନା ହେଉ ପ୍ରତ୍ୟେକ ଯୋଜନାର ସୁଫଳ ଅସଂଗଠିତ ଶ୍ରମିକମାନେ ଉପଲବ୍ଧ କରିପାରୁନାହାନ୍ତି। ନିକଟରେ ଆମ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ଆୟୁଷ୍ମାନ ଯୋଜନାରେ ସମସ୍ତ ବର୍ଗର ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ମାନଙ୍କୁ ଅନ୍ତର୍ଭୁକ୍ତ କଲେ କିନ୍ତୁ ଉକ୍ତ ଯୋଜନା ଅନୁସାରେ ପ୍ରତ୍ୟେକ ହିତାଧିକାରୀ ନିଜ ପଟେକରୁ ଖର୍ଚ୍ଚ କଲାପରେ ସରକାର ପରେ ଏହାକୁ ପୈଠ କରିବେ ବୋଲି ଲିପିବଦ୍ଧ ଅଛି। ତେଣୁ ଏହା ବରିଷ୍ଠ ନାଗରିକ ମାନଙ୍କୁ ଦିନରେ ଲଣ୍ଠନ ଦେଖାଇଲା ଭଳି ଉକ୍ତି କହିଲେ ଅଯୁକ୍ତିକର ହେବ ନାହିଁ। ଆମ ରାଜ୍ୟର ଜିଲ୍ଲା ସ୍ତରୀୟ, ସବ୍‌ଡିଭିଜନ ସ୍ତରୀୟ ଓ ବ୍ଲକ ସ୍ତରୀୟ ସମସ୍ତ ଡାକ୍ତରଖାନାକୁ ଯଦି ଉନ୍ନତ କରାଯାଏ ଏବଂ ଆଧୁନିକ ଚିକିତ୍ସା ଉପକରଣ ତଥା ବ୍ୟବସ୍ଥା କରାଯାଏ ତେବେ ଆମ ରାଜ୍ୟର ସମସ୍ତ ନାଗରିକମାନେ ଉତ୍ତମ ସ୍ୱାସ୍ଥ୍ୟ ସେବା ହାସଲ କରିପାରିବେ। ଆଜିର ଆଲୋଚନାରେ ସମସ୍ତ ଅସଂଗଠିତ ଶ୍ରମିକମାନଙ୍କୁ କର୍ମଚାରୀ ରାଜ୍ୟ ସ୍ୱାସ୍ଥ୍ୟବୀମା ଯୋଜନା (ଇ.ଏସ୍.ଆଇ)ରେ ଅନ୍ତର୍ଭୁକ୍ତ କରିବା ସହିତ ପ୍ରସ୍ତାବିତ ଅସଂଗଠିତ କ୍ଷେତ୍ର ଶ୍ରମିକ ପରିଷଦ ନିମିତ୍ତ ଆମ ରାଜ୍ୟ ସରକାର ତୁରନ୍ତ ଅନ୍ୟୁନ୍ୟ ୫ ଶହ କୋଟି ଟଙ୍କା ପ୍ରଦାନ କରି ଏହାକୁ ସକ୍ରିୟ କଲେ ଆଗାମୀ ଦିନରେ ଅନ୍ତତଃ ପ୍ରତ୍ୟେକ ଓଡ଼ିଆ ପୁଅ ସ୍ୱାସ୍ଥ୍ୟସେବାରୁ ବଂଚିତ ହେବ ନାହିଁ।

ଅନ୍ୟମାନଙ୍କ ମଧ୍ୟରେ ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘର ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟକ ଆଲୋଚନାର ପୌରାହିତ୍ୟ କରିବା ସହିତ ଉଦ୍‌ବୋଧନ ଦେଇ କହିଲେ ରାଜ୍ୟର ସମସ୍ତ ଅସଂଗଠିତ ଶ୍ରମିକମାନଙ୍କୁ ସଚେତନ କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ ନିଆଯିବ। ସି.ଆଇ.ଟି.ୟୁର ଦୁଷ୍ମନ୍ତ ଦାଶ, କେନ୍ଦ୍ରୀୟ ଶ୍ରମିକ ନେତା ନିରଞ୍ଜନ ମହାନ୍ତି, ଅମୀୟ କୁମାର ମହାନ୍ତି, ଧରଣୀଧର ସ୍ୱାଇଁ, କୃଷ୍ଣଚନ୍ଦ୍ର ସାହୁ, ପ୍ରଣତି ମିଶ୍ର, କେଶବ ବେହେରା, ସିଲି ସେଠୀ, ବେଦଦ୍ୟୁତ ପୃଷ୍ଟି, ଚୈତନ୍ୟ ତାଣ୍ଡି, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସଂଜୀବ ମହାନ୍ତି, ପ୍ରୀୟବ୍ରତ ନାୟକ, ଡ. ଦୁଷ୍ମନ୍ତ ନାୟକ, ବିଦ୍ୟାଚରଣ ସୁନା ଓ ବିଷ୍ଣୁପ୍ରସାଦ ଭୁଜବଳ ପ୍ରମୁଖ ଆଲୋଚନାରେ ଭାଗ ନେଇ ସମସ୍ତ ଅସଂଗଠିତ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରାଯିବା ପାଇଁ ମତ ପ୍ରକାଶ କରିଥିଲେ।

# ଅବ୍ୟବସ୍ଥାରେ ଶେଷ ହେଲା ମାହାଙ୍ଗାରେ ଶିଶୁ ମହୋତ୍ସବ



ମାହାଙ୍ଗା,(ପି.ଏନ): ମାହାଙ୍ଗା ବ୍ଲକ ମଣ୍ଡଳସ୍ତରୀୟ ଶିଶୁମହୋତ୍ସବ ୨୦୨୪ ତା ୩.୧୧.୨୦୨୪ରିଖ ରବିବାର ଦିନ ହନୁମାନଜୀଉ ବିଦ୍ୟାନିକେତନ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାଣିଗୋଡା ଠାରେ ଅନୁଷ୍ଠିତ ହୋଇଯାଇଛି। ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ଶାଷ୍ମାସିକ ପରୀକ୍ଷା ଗତ ୨୮ତାରିଖରୁ ଆରମ୍ଭ ହୋଇ ତା୪.୧୧.୨୪ରିଖରେ ଶେଷ ହେବ। ୫ତାରିଖ ଦିନ ଏନ୍‌ଆର୍‌ଟିଏସ୍ ପରୀକ୍ଷା ଓ ୬ତାରିଖ ଦିନ ବୃ ି ପରୀକ୍ଷା କରାଯିବ ବୋଲି ଜଣାପଡିଥିଲା ବେଳେ ୩ତାରିଖ ରବିବାର ଦିନ ତରବରିଆ ଭାବେ ଶିଶୁ ମହୋତ୍ସବ ସୁରଭି-୨୦୨୪କୁ ପାଳନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପିଲାଙ୍କ ପରୀକ୍ଷା ଚାଲିଥିଲା ବେଳେ କାହା ସ୍ୱାର୍ଥରେ ମଣ୍ଡଳସ୍ତରୀୟ ଶିଶୁମହୋତ୍ସବ ସୁରଭି ପାଳନ କରାଗଲା। ଅପରପକ୍ଷେ ଖରାରେ ପିଲାମାନଙ୍କୁ ସିଝିବାକୁ ପଡିଥିଲା। ପିଲାମାନଙ୍କ ଖାଇବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନଥିଲା। ପିଲାମାନେ ପଡିଆ ଭିତରେ ଅପରିଷ୍କାର ସ୍ଥାନମାନଙ୍କରେ ବସି ଖାଉଥିବା ଦେଖିବାକୁ ମିଳିଥିଲା। ସଂପୂର୍ଣ୍ଣ ଅବ୍ୟବସ୍ଥା ଘେରରେ ଶିଶୁ ମହୋତ୍ସବ ପାଳନ କରାଯାଇଥିଲା। ଏହି ମହୋତ୍ସବ ପାଳନ ପୂର୍ବରୁ କରା ନଯାଇ କ'ଣ ପାଇଁ ପରୀକ୍ଷା ସମୟରେ ପାଳନ କରାଗଲା। ଫଳରେ ବହୁ ଛାତ୍ରଛାତ୍ରୀମାନଙ୍କର ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଥିବାରୁ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବ୍ଲକ ଶିକ୍ଷାଧିକାରୀଙ୍କ ମନମୁଖୀ କାର୍ଯ୍ୟଯୋଗୁ ମାହାଙ୍ଗା ଅଂଚଳରେ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ପାଠପଢ଼ା ଠିକ୍ ଭାବରେ ହେଉ ନଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ତୁରନ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ବଦଳି କରାଯିବା ସହ ଏହି ଘଟଣା ପ୍ରତି ରାଜ୍ୟମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଅଭିଭାବକ ମହଲରେ ଦାବି ହେଉଛି।

# ପାରାଦୀପ ବନ୍ଦର ସାଂସ୍କୃତିକ ମହୋତ୍ସବ ଉଦଘାଟିତ : ପ୍ରଥମ ସନ୍ଧ୍ୟାରେ ମଂଚସ୍ଥ ହେଲା ନାଟକ 'ସମ୍ପର୍କ'



ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ଜଗନ୍ନାଥ ଲଳିତ କଳା ସଂସଦ ମିଳିତ ଆନୁକୂଲ୍ୟରେ ପାରାଦୀପ ସ୍ଥିତ ଜୟଦେବ ସଦନ ପରିସରରେ ସପ୍ତାହବ୍ୟାପି ସାଂସ୍କୃତିକ ମହୋତ୍ସବ-୨୦୨୪ ରବିବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି ।ଏହି ଅବସରରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମହୋତ୍ସବ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଜଗନ୍ନାଥ ଲଳିତ କଳା ସଂସଦ ସଭାପତି କ୍ୟାପ୍‌ଟେନ ଅଲେଖ ଚନ୍ଦ୍ର ସାହୁ, ବନ୍ଦର ବରିଷ୍ଠ ଅଧିକାରୀ ପ୍ରଶାନ୍ତ ମହାରଣା ଓ ନାଟ୍ୟକାର ତଥା ନିର୍ଦ୍ଦେଶକ ଶ୍ରୀମନ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆଠଦିନ ବ୍ୟାପି ଆନ୍ତଃ ବିଭାଗୀୟ ମଧ୍ୟରେ ଅନୁଷ୍ଠିତ ଏହି ମହୋତ୍ସବ ରେ ପାରାଦୀପ ବନ୍ଦରର ବିଭିନ୍ନ ବିଭାଗ ଓ ପୌରପାଳିକା ର କଳାକାର ମାନେ ଅଂଶଗ୍ରହଣ କରୁଛନ୍ତି କ୍ଷ ତେବେ ପ୍ରଥମ ଉଦଘାଟନୀ ସନ୍ଧ୍ୟାରେ ପାରାଦୀପ ପୌରପାଳିକା ର କଳାକାର ମାନେ ସମ୍ପର୍କ ର ମୂଲ୍ୟବୋଧ ଉପରେ ଆଧାରିତ ନାଟକ 'ସମ୍ପର୍କ' ପରିବେଷଣ କରିଥିଲେ ଯାହା ବେସ ହୃଦୟସ୍ପର୍ଶୀ ଏବଂ ଦର୍ଶକ ଙ୍କ ମନକୁ ଛୁଇଁଥିବା ଦେଖିବାକୁ ମିଳିଥିଲା ।

# ସଂଜୟ ନୁହେଁ ସେ ଥିଲେ ସଂଯୋଜନାର ସେତୁ : ମୁଖ୍ୟ ଅତିଥି



ମାହାଙ୍ଗା,(ପି.ଏନ): ମାହାଙ୍ଗା ବ୍ଲକର ନାହାଙ୍ଗ ପଂଚାୟତ ଅର୍ନ୍ତଗତ ନାହାଙ୍ଗ ଠାରେ ସ୍ୱର୍ଗତ ସଂଜୟ ମହାନ୍ତିଙ୍କ ଏକାଦଶାହ ଅବସରରେ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ମହାନ୍ତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ କିଟ୍,କିମ୍ସ ଓ କିସ୍‌ର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତ ଯୋଗଦେଇ ସଂଜୟ ମହାନ୍ତିଙ୍କ ବିୟୋଗରେ ଶୋକବ୍ୟକ୍ତ କରିବା ସହ ସଂଜୟ ନୁହେଁ ସେ ସଂଯୋଜନାର ସେତୁ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ଜ୍ୟୋତରଂଜନ ମହାନ୍ତି ଗୀତା ପାଠ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚୌ.ରମାକାନ୍ତ ପ୍ରହରାଜ,ଅଧ୍ୟାପକ ପ୍ରଫୁଲ୍ଲ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀ,ଦୈତାରୀ ସାହୁ, ସାରଦା ପ୍ରସାଦ ମିଶ୍ର, ପବିତ୍ରମୋହନ ପ୍ରଧାନ, ବିଜୟ କୁମାର ସାମଲ,ଶିଶୁସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ, ପ୍ରଫୁଲ୍ଲ କୁମାର ସାହୁ, କବି ପ୍ରଫୁଲ୍ଲ କୁମାର ସିଂ, ଅବସରପ୍ରାପ୍ତ ଅଧ୍ୟକ୍ଷ ରାମଚନ୍ଦ୍ର ସାହୁ, ସୁବଳଚରଣ ସାହୁ, ପ୍ରସନ୍ନ କୁମାର ସାହୁ,ପ୍ରମୋଦ କୁମାର ପୃଷ୍ଟି,ପ୍ରଫୁଲ୍ଲ ତ୍ରୀପାଠି, ମାଧବ ବେହେରା,ଗୋବିନ୍ଦ ଚନ୍ଦ୍ର ପୃଷ୍ଟି,ବିବେକାନନ୍ଦ ଦାସ, ନିରଂଜନ ରାୟ,ସମରେନ୍ଦ୍ର ସାହୁ, ପ୍ରଦିପ କୁମାର ମହାପାତ୍ର,ସରୋଜ ଜେନା, ପ୍ରିୟଙ୍କା ରାୟ,ଶିକ୍ଷକ ପୁରୁଷୋ ମ ସେଠୀ, ବିଜୟ କୁଅଁର, ସତ୍ୟାନନ୍ଦ ସାହୁ,ଗଗନେନ୍ଦୁ ଦାସ, ଜିତେନ୍ଦ୍ର କୁମାର ପଟ୍ଟନାୟକ,ପ୍ରମୋଦ କୁମାର ସାହୁ,ଅଲେଖ ପ୍ରସାଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ସଂଜୟ କୁମାର ମହାନ୍ତିଙ୍କ ବିଭିନ୍ନ କାର୍ଯ୍ୟ ଏପରିକି ହନୁମାନ ଜୟନ୍ତୀ ପାଳନ,କଳିଙ୍ଗଭାରତୀ ଫାଉଣ୍ଡେସନ୍‌ର ବିଭିନ୍ନ କାର୍ଯ୍ୟକ୍ରମ, ଆର୍‌ଏସ୍‌ଏସ୍‌ର ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନୀୟ ଅଂଚଳର ବିଭିନ୍ନ ସମସ୍ୟା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଉଥିଲେ। ତାଙ୍କ ଆଦର୍ଶରେ ଯୁବସମାଜ ଅନୁପ୍ରାଣୀତ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ଷିତିସ୍ ମହାନ୍ତି ,ପ୍ରିତୀ ମହାନ୍ତି, ପ୍ରତିମା ମହାନ୍ତି, ସସ୍ମିତା ମହାନ୍ତି ସହଯୋଗ କରିଥିଲା ବେଳେ ରଶ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ସଂଜୟ କୁମାର ମହାନ୍ତିଙ୍କ ବହୁ ସହପାଠୀ ଓ ସହପାଠକ ଏବଂ ସ୍ଥାନୀୟ ଅଂଚଳର ବହୁ ବ୍ୟକ୍ତି ଯୋଗଦେଇଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray